

# ଗଣିତ ଖେଳ

## ଦ୍ୱିତୀୟ ଶ୍ରେଣୀ





ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ଗଣିତ ଖେଳ

## ଦ୍ୱିତୀୟ ଶ୍ରେଣୀ


**ସଂପାଦକ ମଣ୍ଡଳୀ :**

ଶ୍ରୀ ତାପସ କୁମାର ନାୟକ

ଶ୍ରୀ ଚତୁର୍ଭୁଜ ପ୍ରଧାନ

ଶ୍ରୀ ଅଞ୍ଜନ କୁମାର ସାହୁ

**ସମୀକ୍ଷକ ମଣ୍ଡଳୀ :**

ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର

ଶ୍ରୀ ଚତୁର୍ଭୁଜ ପ୍ରଧାନ

ଶ୍ରୀମତୀ ନମିତା ମହାପାତ୍ର

**ସଂଯୋଜନା :**

ଶ୍ରୀ ପରମାନନ୍ଦ ଦାସ

ଶ୍ରୀମତୀ ପୁଷ୍ପାରାଣୀ ପ୍ରହରାଜ

ଡ. ତିଳୋତ୍ତମା ସେନାପତି

ଡ. ସବିତା ସାହୁ

**ପ୍ରକାଶକ :**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଭୁବନେଶ୍ୱର

ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୧୧

୨୦୧୯

**ପ୍ରସ୍ତୁତି :**


ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓ

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର


**ମୁଦ୍ରଣ :**

ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି



## ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟହେ
ଭାରତ ଭାଗ୍ୟ ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ,
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ-ଜଳଧି-ତରଙ୍ଗ,
ତବ ଶୁଭ ନାମେ ଜାଗେ,
ତବ ଶୁଭ ଆଶିଷ ମାଗେ,
ଗାହେ ତବ ଜୟ ଗାଥା ।
ଜନ-ଗଣ -ମଙ୍ଗଳ ଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା !
ଜୟ ହେ, ଜୟ ହେ, ଜୟ ହେ,
ଜୟ ଜୟ ଜୟ, ଜୟ ହେ ।"

# ସୂଚୀପତ୍ର


| କ୍ର.ନଂ. | ପାଠର ନାମ | ପୃଷ୍ଠା |
|---|---|---|
| ୧. | ଚିତ୍ରକୁ ଚିହ୍ନିବା  | ୧ |
| ୨. |  ସିଧା ଗାର ଟାଣିବା | ୯ |
| ୩. | ଗଡ଼େଇବା - ଘୋଷାଡ଼ିବା  | ୧୭ |
| ୪. |  ଦଳ ଦଳ କରି ଗଣିବା | ୨୪ |
| ୫. | ସାନ ବଡ଼ ସଂଖ୍ୟା ଚିହ୍ନିବା  | ୩୭ |
| ୬. |  କାହା ସ୍ଥାନ କେଉଁଠି ଜାଣିବା | ୪୩ |
| ୭. | ମିଶାଣ କରିବା  | ୪୯ |
| ୮. |  ଫେଡ଼ାଣ କରିବା | ୬୪ |


| କ୍ର.ନଂ | ପାଠର ନାମ | ପୃଷ୍ଠା |
|---|---|---|
| ୯. | ଶୂନ ଯୋଡ଼ିବା ଓ ଫେଡ଼ିବା  | ୭୪ |
| ୧୦. |  ମିଶାଇବା ବଦଳରେ ଗୁଣିବା | ୮୪ |
| ୧୧. | ସମାନ ଭାଗରେ ବାଣ୍ଟିବା  | ୯୫ |
| ୧୨. |  ଟଙ୍କା ପଇସା ଦିଆନିଆ କରିବା | ୧୦୨ |
| ୧୩. | ଲମ୍ବ କେତେ ଜାଣିବା  | ୧୦୯ |
| ୧୪. |  କିଏ ଭାରୀ କିଏ ହାଲୁକା ଜାଣିବା | ୧୧୩ |
| ୧୫. | ପାତ୍ର ନେଇ ପାଣି ମାପିବା  | ୧୨୦ |
| ୧୬. |  ବାରମାସର ନାମ ଜାଣିବା | ୧୨୪ |
| ୧୭. | ସାଜସଜା କରିବା  | ୧୩୪ |



ପାଠ-୧

# ଚିତ୍ରକୁ ଚିହ୍ନିବା

ହାତୀ, ହରିଣ, କୁକୁଡ଼ା ଓ ମାଙ୍କଡ଼ ସାଙ୍ଗ ହୋଇ ବଣରେ ରହୁଥିଲେ। ନଈ ସେପଟ ଫଳ ବଗିଚାରେ ଥିବା ଛନଛନିଆ ଘାସ ଓ ସୁଆଦିଆ ଫଳ ଖାଇବାକୁ ମନ କଲେ ସେମାନେ। ନଈ ପାରି ହୋଇ ଚାଲିଲେ ବଗିଚାକୁ। ବଗିଚାରେ ମିଳିମିଶି ଫଳ ଖାଇଲେ। ସଭିଏଁ ଖୁସ୍।



- କେଉଁ ପଶୁ କେଉଁ ବାଟେ ଯାଇଛି, ଉପର ଚିତ୍ରରୁ କହିପାରିବ କି ?
  କାହାର ପାଦ ଚିହ୍ନ କେଉଁଟି ? ତୁମ ସାଙ୍ଗକୁ କହ।
- ଚଟାଣରେ ତୁମ ସାଙ୍ଗର ପାଦ ଚିହ୍ନ ତିଆରି କର। ଏହା ତୁମର ପାଦଚିହ୍ନ ଠାରୁ ଅଲଗା କି ?


### ଆସ ଆଙ୍କିବା :





- ଗୋଟିଏ ପତ୍ର ନିଅ ।
- ପତ୍ରଟିକୁ ଧଳା କାଗଜ ଉପରେ ଥୋଇ, ତା' ଚାରି ପାଖ ଧାରରେ ପେନ୍‌ସିଲ୍‌ରେ ଗାର ଟାଣ । ପତ୍ରଟିକୁ ଉଠାଇ ନିଅ ।
- ଏବେ ତୁମ ସାଙ୍ଗକୁ ପଚାର, ଏହା କେଉଁ ଗଛର ପତ୍ର ?
- ଏହିପରି ତୁମେ ବିଭିନ୍ନ ପ୍ରକାରର ପତ୍ର ନେଇ ଭିନ୍ନ ଭିନ୍ନ ଆକୃତିର ଚିତ୍ର ପାଇବ । ତୁମ ଖାତାରେ ବିଭିନ୍ନ ଗଛର ପତ୍ର ଥୋଇ ଆକୃତି ତିଆରି କର । ପ୍ରତ୍ୟେକ ଆକୃତି ତଳେ କେଉଁ ଗଛର ପତ୍ର ଲେଖ ।
- ଆସ, ଆଉ କେତୋଟି ଜିନିଷର ଚିତ୍ର ତିଆରି କରିବା –
  ଦିଆସିଲି ଖୋଳ, ସ୍କେଲ୍, ଲୁଡୁଗୋଟି, ବୋତଲ ଠିପି, ଶାମୁକା, ପତାକା, ଏକ ଟଙ୍କିଆ ଓ ପାଞ୍ଚ ଟଙ୍କିଆ ମୁଦ୍ରା ସଂଗ୍ରହ କର । ପ୍ରତ୍ୟେକ ଜିନିଷକୁ ଥୋଇ ତା' ଧାରରେ ଗାର ଟାଣି ଚିତ୍ର ତିଆରି କର ।

ତୁମେ ଯେଉଁସବୁ ଚିତ୍ର ତିଆରି କରିଛ ସେଗୁଡ଼ିକର ଆକୃତିକୁ ଦେଖ । ତଳେ ଦିଆଯାଇଥିବା ଆକୃତି ଭଳି ସେଗୁଡ଼ିକ ଦେଖାଯାଉଛି କି ?


ତୁମେ ତିଆରି କରିଥିବା କେଉଁ କେଉଁ ଜିନିଷର ଆକୃତି ସହ ତଳେ ଦିଆଯାଇଥିବା ଆକୃତି ସମାନ ହେଉଛି, ଲକ୍ଷ୍ୟକର ।



କେଉଁ କେଉଁ ଜିନିଷକୁ ଥୋଇ ତା'ର ଧାରରେ ଗାର ଟାଣିଲେ ତୁମେ ନିମ୍ନ ଆକୃତିଗୁଡ଼ିକ ପାଇବ, ସେହି ଆକୃତି ତଳେ ଲେଖ ।

|  |  |  |  |  |
|---|---|---|---|---|
| | | | | |

- ସମାନ ଆକୃତି ବିଶିଷ୍ଟ ଚିତ୍ରଗୁଡ଼ିକରେ ଗୋଟିଏ ପ୍ରକାର ରଙ୍ଗ ଦିଅ ।




- କେଉଁ ଆକୃତିରେ ବଙ୍କାଗାର ଅଛି, ତା'ଉପରେ (✓) ଚିହ୍ନ ଦିଅ ।
- ଯେଉଁ ଆକୃତିଗୁଡ଼ିକ ସିଧାଗାରରେ ତିଆରି, ତା'ଉପରେ (✗) ଚିହ୍ନ ଦିଅ ।
- କେତୋଟି ଆକୃତିରେ ତିନୋଟି ସିଧାଗାର ଅଛି ?
- କେତୋଟି ଆକୃତି ୪ଟି ସିଧାଗାରରେ ତିଆରି ?

**ଶିକ୍ଷକଙ୍କ ପାଇଁ ସୂଚନା :** ଉପର ଆକୃତିଗୁଡ଼ିକରେ ଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟକୁ ପିଲାମାନଙ୍କ ସହ ଆଲୋଚନା କରିବେ । ଯଥା - ବଙ୍କାଗାରରେ ତିଆରି, ସିଧାଗାରରେ ତିଆରି, କେଉଁଥିରେ କେତୋଟି ସିଧାଗାର ଅଛି ଇତ୍ୟାଦି ।

## ସୀମାର କାଗଜ କଟା

ସୀମା କାଗଜ କାଟି △, □, ▭, ○, ⬭ ଆକୃତି ସବୁ ତିଆରି କଲା । ପ୍ରତ୍ୟେକ ଆକୃତିରୁ ଅନେକଗୁଡ଼ିଏ ତିଆରି କରି ସେଗୁଡ଼ିକୁ ଯୋଡ଼ି ଚିତ୍ର ତିଆରି କଲା । ସେଗୁଡ଼ିକୁ ଦେଖ ।




(କ) (ଖ) (ଗ) (ଘ) (ଙ) (ଚ)

- ଚିତ୍ର ଦେଖି କେଉଁ ଆକୃତିରୁ କେତୋଟି ଲେଖାଏଁ ଅଛି ଲେଖ ।


| ଚିତ୍ରସଂଖ୍ୟା | △ | ○ | ▭ | ⬭ |
|---|---|---|---|---|
| କ | | | | |
| ଖ | | | | |
| ଗ | | | | |
| ଘ | | | | |
| ଙ | | | | |
| ଚ | | | | |

# ଅଭ୍ୟାସ କାର୍ଯ୍ୟ

୧. ସମାନ ସମାନ ଆକୃତିକୁ ଗାର ଟାଣି ଯୋଡ଼ ।



୨.




ଉପର ଚିତ୍ରରେ କେଉଁ ଆକୃତିରୁ କେତୋଟି ଅଛି ଗଣି ଲେଖ ।

 ...............ଟି  ...............ଟି


 ...............ଟି  ...............ଟି

ଉପର ଚିତ୍ରଭଳି ଚିତ୍ରଟିଏ ଖାତାରେ ତିଆରି କର ।

୩. 

ଉପର ଆକୃତିଗୁଡ଼ିକୁ ତଳେ ଥିବା ଖାଲି ଜାଗାରେ କର ।


୪. କେଉଁ କେଉଁ ଜିନିଷ ନେଇ ତଳ ଆକୃତିଗୁଡ଼ିକ ତିଆରି କରି ପାରିବ ?

| ଆକୃତି | ଜିନିଷର ନାମ |
|---|---|
|  | |
|  | |
|  | |
|  | |

୫. ବିଦ୍ୟାଳୟରେ ଓ ବିଦ୍ୟାଳୟ ବାହାରେ କେଉଁ କେଉଁ ଜିନିଷରେ ତଳ ଆକୃତିଗୁଡ଼ିକ ଥିବାର ଦେଖିଛ ?


| ଆକୃତି | ଜିନିଷର ନାମ |
|---|---|
|  | |
|  | |
|  | |
|  | |

୬. ସମାନ ଆକୃତିଗୁଡ଼ିକୁ ଯୋଡ଼ ।




୭.  ଆକୃତି ବ୍ୟବହାର କରି ଉପରେ ଦିଆଯାଇଥିବା ଭଳି ଆଉ କେତୋଟି ଚିତ୍ର ତିଆରି କର ।

୮. △ ଆକୃତିକୁ ସବୁଜ ରଙ୍ଗ, ⬭ ଆକୃତିକୁ ଲାଲ ରଙ୍ଗ ଓ ▭ ଆକୃତିକୁ ହଳଦିଆ ରଙ୍ଗ ଦିଅ ।



୯.



(କ) ମାଙ୍କଡ଼ ମୁହଁରେ ▬ ଆକୃତିର ଚଷମା ଲଗାଅ ।

(ଖ) ବାଘ ଚିତ୍ରରେ ⧓ ଆକୃତିର ନିଶ ତିଆରି କର ।

(ଗ) ଝିଅଟିର ଚିତ୍ରରେ ● ଆକୃତିର ଟିକିଲି ଓ କାନରେ ପିନ୍ଧିବା ପାଇଁ କାନଫୁଲ ତିଆରି କର ।

(ଘ) ପୁଅଟିର ଚିତ୍ରରେ ■ ଆକୃତିର ମୁହଁ ତିଆରି କର ।

# ସିଧା ଗାର ଟାଣିବା

ରାମୁ ମାଆଙ୍କ ସହିତ ରୋଷେଇ ଘରେ ଜିନିଷଗୁଡ଼ିକୁ ସଜାଡ଼ି ରଖୁଛି। ସେ ଜିନିଷଗୁଡ଼ିକୁ କିପରି ସଜାଡୁଛି ଚିତ୍ରରୁ ଦେଖ।



**ଉପର ଚିତ୍ର ଦେଖି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ-**

- ରୋଷେଇ ଘରେ କି କି ଜିନିଷସବୁ ଥିବାର ଦେଖୁଛ ?

  ------------------------------------------------

- ରାମୁର ମା' ରୋଷେଇ ଘରେ କ'ଣ କରୁଛନ୍ତି ? ------------------------
- ରାମୁ କି କାମ କରୁଛି ? ------------------------------
- କେଉଁ ସବୁ ଜିନିଷ କାନ୍ଥ ସହ ତେରେଛା ଭାବରେ ରଖାଯାଇଛି ? ଯେପରି-  ------------
- କେଉଁ ସବୁ ଜିନିଷ ଭୂମି ଉପରେ ଠିଆ ହେବା ଭଳି ରହିଛି ? ଯେପରି-  ------------
- କେଉଁ ଜିନିଷଗୁଡ଼ିକ ଭୂମି ଉପରେ ଶୋଇବା ଭଳି ଅବସ୍ଥାରେ ଅଛନ୍ତି ? ଯେପରି-  --------


## ଜିନିଷଗୁଡ଼ିକ କିପରି ଅଛି, ରାମୁ ତାହାକୁ ଖାତାରେ ଗାର ଟାଣି ଦେଖାଇଲା ।

 ଅବସ୍ଥିତିକୁ ସୂଚାଇବା ପାଇଁ ଭୂମି ଉପରେ ଠିଆ ହେଲା ଭଳି ସିଧା ଗାରଟିଏ ( | ) ଟାଣିଲା ।


 କୁ ଚିତ୍ରରେ ଦେଖାଇବା ପାଇଁ ତେରେଛା ( / ) ଗାରଟିଏ ଟାଣିଲା ।


 କୁ ଚିତ୍ରରେ ଦେଖାଇବା ପାଇଁ ଭୂମି ଉପରେ ଶୋଇଥିବା ଭଳି ସିଧା (—) ଗାରଟିଏ ଟାଣିଲା ।


## କେଉଁ ଜିନିଷଟି ପାଇଁ କେଉଁ ଚିତ୍ର ବ୍ୟବହାର କରାଯିବ, ଗାର ଟାଣି ଯୋଡ ।



- ଖାଲି ଘରେ ଏହିଭଳି ଗାରମାନ ଟାଣ ।








ଆସ, କାଗଜ ଭାଙ୍ଗି ଭୂମି ଉପରେ ଠିଆ ହୋଇଥିବା ଭଳି ସିଧାଗାର ତିଆରି କରିବା ।

- ଗୋଟିଏ କାଗଜ ପୃଷ୍ଠା ନିଅ । (ଚିତ୍ର-୧)
- ଚିତ୍ରରେ ଦିଆଯାଇଥିବା ଭଳି ଏହାକୁ ମଝିରୁ ଭାଙ୍ଗି ଦିଅ ।

  ଏବେ ଭାଙ୍ଗ ସ୍ଥାନରେ ଚାପି ଦିଅ । (ଚିତ୍ର-୨)
- କାଗଜଟିକୁ ଖୋଲି ଦିଅ । (ଚିତ୍ର-୩)

  କ'ଣ ଦେଖୁଛ ?


(ଚିତ୍ର-୧)


(ଚିତ୍ର-୨)


(ଚିତ୍ର-୩)

ଲକ୍ଷ୍ୟକର, କାଗଜ ଉପରେ ଭାଙ୍ଗଥିବା ଚିହ୍ନ ଗୋଟିଏ ସିଧାଗାର । ଏ ପ୍ରକାରର ସିଧାଗାରକୁ ଭୂମି ଉପରେ **ଠିଆହୋଇଥିବା ଭଳି ସିଧାଗାର** କୁହାଯାଏ । ତୁମ ନିକଟ ପରିବେଶରେ ତୁମେ କେଉଁ କେଉଁଠାରେ ଏହିଭଳି ସିଧାଗାର ଥିବାର ଲକ୍ଷ୍ୟ କରୁଛ କହ ।











ଆସ, କାଗଜ ଭାଙ୍ଗି ଭୂମି ଉପରେ ଶୋଇଥିବା ଭଳି ସିଧାଗାର ଟାଣିବା ।

- ସାଧା କାଗଜ ପୃଷ୍ଠାଟିଏ ନିଅ । (ଚିତ୍ର-୧)
- ଚିତ୍ରରେ ଦେଖାଯାଉଥିବା ଭଳି ଏହାକୁ ମଝିରୁ ଦୁଇ ଭାଗ କରି ଭାଙ୍ଗି ଦିଅ । (ଚିତ୍ର-୨)
- ତୁମେ ଭାଙ୍ଗିଥିବା ସ୍ଥାନରେ ଏହାକୁ ଜୋର୍‌ରେ ଚାପି ଦିଅ । ଏବେ କାଗଜଟିକୁ ଖୋଲିଦିଅ ।
- ତୁମେ ଦେଖିପାରିବ ଯେ, କାଗଜର ମଝିରେ ଭଙ୍ଗାସ୍ଥାନରେ ଏକ ସିଧାଗାର ପଡ଼ିଛି । (ଚିତ୍ର-୩)



(ଚିତ୍ର-୧)


(ଚିତ୍ର-୨)



(ଚିତ୍ର-୩)

ଏହିପରି ଭାବେ ଆମେ କାଗଜ ଭାଙ୍ଗି **ଭୂମି ଉପରେ ଶୋଇଥିବା ଭଳି ସିଧାଗାର** ତିଆରି କରିପାରିବା । ତୁମେ ଗୋଟିଏ ପୃଷ୍ଠା କାଗଜରେ ଏହିଭଳି କେତୋଟି ଗାର ତିଆରି କରିପାରିବ ?

ତଳେ ଦିଆଯାଇଥିବା ଚିତ୍ରରେ ଭୂମି ଉପରେ ଶୋଇଥିବା ଭଳି ସିଧାଗାରଗୁଡ଼ିକୁ ଚିହ୍ନାଅ ।






ଆଉ କେଉଁ କେଉଁଠାରେ ଏହିପରି ସିଧାଗାର ଦେଖିବାକୁ ପାଉଛ, କହ ।

କାଗଜ ଭାଙ୍ଗି ଆମେ ମଧ୍ୟ ତେରେଛା ସିଧାଗାର ତିଆରି କରିପାରିବା ।


- ତୁମେ ଚିତ୍ରରେ ଦିଆଯାଇଥିବା ଭଳି କାଗଜ ପୃଷ୍ଠାଟିଏ ନିଅ ।
- ଏହାର ଗୋଟିଏ କୋଣକୁ ଧରି କାଗଜ ମଝିରୁ ଭାଙ୍ଗି ଦିଅ ଓ ସେଠାରେ ଚାପିଦିଅ ।
- ଏବେ କାଗଜଟିକୁ ଖୋଲି ଦିଅ ।



ତୁମେ ଦେଖିବ ଯେ, କାଗଜରେ ଗୋଟିଏ **ତେରେଛା ସିଧାଗାର** ତିଆରି ହୋଇଛି ।

- ତୁମେ କେଉଁ କେଉଁଠାରେ ତେରେଛା ସିଧାଗାର ତିଆରି ହୋଇଥିବାର ଲକ୍ଷ୍ୟ କରୁଛ ?









## ଆମେ କ'ଣ ଜାଣିଲେ ?

ଆମେ ତିନି ପ୍ରକାରର ସିଧାଗାର ଟାଣିପାରିବା ।


- **ଭୂମି ଉପରେ ଠିଆହୋଇ ରହିବା ଭଳି ସିଧାଗାର ।**
- **ଭୂମି ଉପରେ ଶୋଇଥିବା ଭଳି ସିଧାଗାର ।**
- **ଭୂମି ଉପରେ ତେରେଛା ଭାବେ ଥିବା ସିଧାଗାର ।**



ଆସ, ତଳ ବିନ୍ଦୁଗ୍ରୀଡ୍‌ରେ ଏହି ତିନି ପ୍ରକାରର ସିଧାଗାର ତିଆରି କରିବା ।



ହରି ଓ ଚିନୁ ବିନ୍ଦୁଗ୍ରୀଡ୍‌ରେ ବିନ୍ଦୁମାନଙ୍କୁ ଯୋଡ଼ି ଗାର ତିଆରି କରୁଥିଲେ । ତାହାକୁ ତୁମେ ଦେଖ –



- ଦୁଇଜଣ ଟାଣିଥିବା ଗାର ମଧ୍ୟରେ କ'ଣ ପାର୍ଥକ୍ୟ ଦେଖୁଛ ? ____________
- ବିନ୍ଦୁଗୁଡ଼ିକୁ ଯୋଡ଼ି ଚିନୁ ତିଆରି କରିଥିବା ଚିତ୍ରଟିକୁ ସିଧାଗାର କହିବା କି ? କାହିଁକି ? ____________
- ତୁମ ଚାରିପାଖରେ ଦେଖୁଥିବା ଜିନିଷ ମଧ୍ୟରୁ କେଉଁ କେଉଁ ଜିନିଷରେ ସିଧାଗାର ଅଛି, କହ ଓ ଲେଖ ।

____________________________

- ଗୋଟିଏ ଦିଆସିଲି ଖୋଳ ନିଅ । ଏହାକୁ ତୁମ ଖାତା  ଉପରେ ରଖ । ଏହାକୁ ଉପରୁ ଚାପିଧର । ଚିତ୍ରରେ ଦିଆଯାଇଥିବା ଭଳି ଏହାର ଗୋଟିଏ ଧାରରେ ପେନ୍‌ସିଲ୍‌ରେ ଗାର ଟାଣ ।




ତୁମେ ଏହିଭଳି ବିଭିନ୍ନ ସିଧା ଧାର ଥିବା ଜିନିଷ ବ୍ୟବହାର କରି ସିଧା ଗାର ତିଆରି କରିପାରିବ । ସିଧା ଧାର ଥିବା ଜିନିଷକୁ ବ୍ୟବହାର କରି କେତୋଟି ସିଧାଗାର ଟାଣ ।

## ସ୍କେଲ୍ ବ୍ୟବହାର କରି ସିଧାଗାର ତିଆରି :

- ତୁମ ଖାତାର ଗୋଟିଏ କାଗଜ ପୃଷ୍ଠା ଉପରେ ସ୍କେଲ୍‌ଟିକୁ ଚାପିରଖ ।
- ସ୍କେଲ୍‌ର ଗୋଟିଏ ଧାରରେ ପେନ୍‌ସିଲ୍ ସାହାଯ୍ୟରେ ଗୋଟିଏ ଗାର ଟାଣ ।





ତୁମେ ଟାଣିଥିବା ଗାରଟି ସିଧା ନା ବଙ୍କା କହ ।

- ତଳେ ଦିଆଯାଇଥିବା ବିନ୍ଦୁ ଯୋଡ଼ି ବିଭିନ୍ନ ପ୍ରକାରର ସିଧାଗାର ତିଆରି କରିବା ।



ତୁମେ ବିନ୍ଦୁଯୋଡ଼ି ଯେଉଁଭଳି ସିଧାଗାର ସବୁ ପାଇଲ, ତଳେ ଖାଲି ହାତରେ ସେହିଭଳି ସିଧାଗାର ତିଆରି କର ।

## ଓଡ଼ିଶୀ ନାଚରେ ସିଧାଗାର

ଝିଅଟି କିପରି ନାଚୁଛି ଦେଖ ।

ଲକ୍ଷ୍ୟ କର ଯେ, ନାଚୁଥିବା ଝିଅଟିର ହାତ ଦୁଇଟି କେଉଁ ଭଳି ଗାର ସବୁ ତିଆରି କରୁଛି ।







ତୁମେ ଏହିଭଳି ଚିତ୍ରଟିଏ ତିଆରି କର ।




୧. ନିମ୍ନରେ ଦିଆଯାଇଥିବା କେଉଁ କେଉଁ ଜିନିଷ ବ୍ୟବହାର କରି ତୁମେ ସିଧାଗାର ତିଆରି କରିପାରିବ ଲେଖ ।




୨. ତଳେ ଦିଆଯାଇଥିବା ବିନ୍ଦୁଗୁଡ଼ିକୁ ଯୋଡ଼ ।



(କ) କେତୋଟି ସିଧାଗାର ପାଇଲ ?

(ଖ) ଭୂମି ଉପରେ ଠିଆ ହୋଇଥିବା ଭଳି ସିଧାଗାରକୁ ଠିକ୍ (✓) ଚିହ୍ନ ଦେଇ ଚିହ୍ନାଅ ଓ ତେରେଛା ସିଧାଗାର ପାଖରେ ଛକି (×) ଚିହ୍ନ ଦିଅ ।

୩. (କ) ତଳେ ଦିଆଯାଇଥିବା ଚିତ୍ରକୁ ଦେଖ । କେଉଁ ପ୍ରକାରର ସିଧାଗାରରୁ କେତୋଟି ଅଛି ଗଣି ଲେଖ ।




ଭୂମି ଉପରେ ଠିଆ ହୋଇଥିବା ସିଧାଗାର ............ ଟି

ଭୂମି ଉପରେ ଶୋଇଥିବା ସିଧାଗାର ............ ଟି

ତେରେଛା ସିଧାଗାର ............ ଟି

(ଖ) ଏହି ଭଳି ଚିତ୍ରଟିଏ ତୁମ ଖାତାରେ ତିଆରି କର ।

୪. ତଳ ବିନ୍ଦୁଗ୍ରୀଡ଼ରେ ସିଧାଗାର ଓ ସିଧା ହୋଇ ନଥିବା ଗାର ବ୍ୟବହାର କରି ବିଭିନ୍ନ ଚିତ୍ର ତିଆରି କର ।





ପାଠ-୩

# ଗଡ଼େଇବା - ଘୋଷାଡ଼ିବା

ଥରେ ଗୋଟିଏ ମେଣ୍ଢାଛୁଆ ତା'
ବୁଢ଼ୀମା'କୁ ଦେଖିବାକୁ ଯାଉଥିଲା ।






ଜଙ୍ଗଲିଆ ରାସ୍ତାରେ ଯାଉଯାଉ
ମେଣ୍ଢାଛୁଆଟି ହେଟାବାଘକୁ
ଦେଖିଲା ।

"ମୋତେ ଦୟାକରି ଯିବାକୁ ଦିଅନ୍ତୁ । ମୁଁ ମୋ ବୁଢ଼ୀମା'କୁ ଦେଖାକରିବାକୁ ଯାଉଛି । ତା'ର ଦେହ ବହୁତ ଖରାପ । ମୁଁ ଫେରିବା ବେଳେ ତୁମେ ମୋତେ ଖାଇବ । ସେତେବେଳକୁ ମୁଁ ମଧ ମୋଟା ଓ ବଡ଼ ହୋଇଯାଇଥିବି ।"

—କହିଲା ମେଣ୍ଢାଛୁଆ





ମେଣ୍ଢାଛୁଆଟି ତା'ର ବୁଢ଼ୀମା'କୁ ସବୁ କଥା କହିଲା ।

ବୁଢ଼ୀମା' ଏକ ଉପାୟ ପାଞ୍ଚିଲା ।



ଯାଅ, ଏହି ଢୋଲ ମଧ୍ୟରେ ପଶିଯାଅ ।

ମେଣ୍ଢାଛୁଆଟି ସେଇଆ କଲା ।



ବୁଢ଼ୀମା' ଢୋଲଟିକୁ ରାସ୍ତା ଉପରେ ଗଡ଼େଇ ଦେଲା ।

ଢୋଲଟି ଗଡ଼ିବାକୁ ଲାଗିଲା ।




ଢୋଲ୍ ଭିତରୁ
ଥାଇ ମେଣ୍ଢାଛୁଆ
ଦେଖିଲା ଯେ, ହେଟାବାଘ
ତାକୁ ଅପେକ୍ଷା କରି ରହିଛି ।

ହେଟାବାଘର୍
ସନ୍ଦେହ ହେଲା ।
ସେ ଗଡୁଥିବା
ଢୋଲ୍ ପଛେ ପଛେ ଗଲା ।





ହେଟାବାଘ ତାକୁ
ଧରିବା ପୂର୍ବରୁ
ମେଣ୍ଢାଛୁଆଟି ଘର ଭିତରକୁ
ଦଉଡ଼ି ପଳାଇଗଲା ।

ଏବେ ତଳ ପ୍ରଶ୍ନମାନଙ୍କର ଉତ୍ତର କହ:

- ଢୋଲଟି ରାସ୍ତାରେ କିପରି ଆସୁଥିଲା ?
- ମେଣ୍ଢାଛୁଆଟି ଗୋଟିଏ ବାକ୍ସ ମଧ୍ୟରେ ପଶିଯାଇଥିଲେ ଗଡ଼ିଗଡ଼ି ଆସିପାରି ଥାଆନ୍ତା କି ?
- ତୁମେ ଦେଖିଥିବା କେଉଁ କେଉଁ ଜିନିଷ ଢୋଲ ଭଳି ଭୂଇଁ ଉପରେ ଗଡ଼ି ପାରିବ ?
- କେଉଁ କେଉଁ ଜିନିଷ ଗଡ଼ି ପାରିବ ନାହିଁ ?

- ତଳେ ଦିଆଯାଇଥିବା ଚିତ୍ରକୁ ଦେଖ । ବିଦ୍ୟାଳୟ ପଡ଼ିଆରେ ପିଲାମାନେ ଖେଳୁଛନ୍ତି । କେତେକ ପିଲା ଉପରୁ ତଳକୁ ଖସି ଯାଉଛନ୍ତି । କେତେକ ଜିନିଷକୁ ମଧ୍ୟ ପିଲାମାନେ ଘୋଷାଡ଼ି ଘୋଷାଡ଼ି ନେଉଛନ୍ତି ।







ଲକ୍ଷ୍ୟ କର, କେତେଗୁଡ଼ିଏ ଜିନିଷ ଗଡ଼ିଗଡ଼ି ଯାଇଥାଆନ୍ତି । ସେହିପରି ଅନେକ ଜିନିଷକୁ ଘୋଷାଡ଼ି ନିଆଯାଇଥାଏ । ଏପରି ମଧ୍ୟ କେତେ ଜିନିଷ ଅଛି ଯେଉଁଗୁଡ଼ିକ ଗଡ଼ିଥା'ନ୍ତି ଓ ଘୋଷାଡ଼ି ହୋଇ ଯାଇଥା'ନ୍ତି ।

- ତୁମ ଚାରିପଟେଥିବା ଜିନିଷଗୁଡ଼ିକୁ ଲକ୍ଷ୍ୟ କର ଓ ତଳେ ଥିବା ସାରଣୀ ପୂରଣ କର ।

| ଗଡ଼ିପାରୁଥିବା ଜିନିଷ | ଘୋଷାଡ଼ି ହେଉଥିବା ଜିନିଷ |
| --- | --- |
| | |

## ଆସ, ମୁଦ୍ରାକୁ ନେଇ ଖେଳିବା -

ଗୋଟିଏ ଟଙ୍କିକିଆ ମୁଦ୍ରା ନିଅ । ତାହାକୁ ଚିତ୍ରରେ ଦେଖାଯାଇଥିବା ଭଳି ଧର । ମୁଦ୍ରାଟିକୁ ଗଡ଼ାଅ ।



ମୁଦ୍ରାଟି ଗଡ଼ିଲା କି ? ଏହି ଭଳି ଧରି ମୁଦ୍ରାଟି ଘୋଷାଡ଼ିହୋଇ ଯାଇପାରିବ କି ? ଚେଷ୍ଟା କର ।

## ଆସ, କାଗଜ କାଟି ଗଛ ତିଆରି କରିବା -

- ଏହିଭଳି କାଗଜ ଖଣ୍ଡେ ନିଅ ।
- କାଗଜଟିକୁ ଗୁଡ଼ାଇ ପାଇପଟିଏ ତିଆରି କର ।
- ଏହି ପାଇପଟି ଗଡ଼ି ପାରିବ କି ?
- ଏବେ ତୁମର କାଗଜ ପାଇପଟି ଏହିଭଳି ଦେଖାଯାଉଥିବ ।
- କଇଁଚିଟିଏ ନେଇ କାଗଜ ପାଇପର ଗୋଟିଏ ପଟକୁ ୭ ବା ୮ ଥର କାଟ ।
- କାଟିଥିବା ଖଣ୍ଡଗୁଡ଼ିକୁ ବାହାରକୁ ଓଲଟାଇ ଦିଅ ।
- ଏବେ କାଗଜ ଗଛ ପ୍ରସ୍ତୁତ ହୋଇଗଲା ।
- ଏହାକୁ ରଂଗ ଦିଅ ।












**ଆସ, ଗଡ଼ିପାରୁଥିବା ଓ ଘୋଷାଡ଼ି ହେଉଥିବା କେତେକ ବସ୍ତୁକୁ ନେଇ ଖେଳିବା ।**

- କେତେଗୁଡ଼ିଏ ଦିଆସିଲି ଖୋଳ, ଟିଣ ଡବା, ବଲ୍, କାଚଗୋଲି ସଂଗ୍ରହ କର ।
- ଗୋଟିଏ ପ୍ରକାରର ଜିନିଷକୁ ଉପରକୁ ଉପର ରଖି ସଜାଡ଼ ।
- ଦେଖ କେଉଁ କେଉଁ ଜିନିଷକୁ ଉପରକୁ ଉପର ରଖି ତୁମେ ସଜାଡ଼ି ପାରୁଛ ?
- କେଉଁ ଜିନିଷକୁ ଉପରକୁ ଉପର ରଖି ସଜାଡ଼ି ପାରୁନାହଁ ?



## ଗାଡ଼ି ତିଆରି ଖେଳ

- ଚକଟା ମାଟିରେ ଚାରୋଟି ଚକ ତିଆରି କର ।
- ଚିତ୍ରରେ ଦିଆଯାଇଥିବାଭଳି ଦୁଇ ଦୁଇଟି ଚକକୁ ଗୋଟିଏ ବାଡ଼ିରେ ଯୋଡ଼ ।
- ଗାଡ଼ିର ଆଗରେ ସୂତାଟିଏ ବାନ୍ଧି ଟାଣ । ଗାଡ଼ିଟି ଗଡ଼ୁଛି କି ?
- ଏବେ ଗୋଟିଏ ଇଟା ନିଅ । ଇଟାଟିକୁ ଦୁଇ ହାତରେ ଟେକି ଗୋଟିଏ ଯାଗାରୁ ଆଉ ଗୋଟିଏ ଜାଗାକୁ ଆଣ । ତୁମେ ନେଇଥିବା ଇଟାକୁ ପୂର୍ବରୁ ତିଆରି କରିଥିବା ଗାଡ଼ି ଉପରେ ରଖ । ଗାଡ଼ିଟିକୁ ଟାଣ ।



ହାତରେ ଇଟାଟିକୁ ଟେକି ଗୋଟିଏ ଜାଗାକୁ ନେବା ଓ ଗାଡ଼ି ସାହାଯ୍ୟରେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ନେବା ମଧ୍ୟରୁ, କେଉଁଟିରେ ସହଜ ଲାଗିଲା ?


କାରଣ କ'ଣ ଚିନ୍ତା କରି କହ ।

# ଅଭ୍ୟାସ କାର୍ଯ୍ୟ


୧. ତଳେ ଦିଆଯାଇଥିବା ଜିନିଷଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ଗଡ଼ିପାରିବ ସେଗୁଡ଼ିକରେ ଠିକ ( ✓ ) ଚିହ୍ନ ଦିଅ ।




୨. ଯେଉଁ ଜିନିଷଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଘୋଷାରି ନିଆଯାଇ ପାରିବ , ସେଥିରେ ରଂଗ ଦିଅ ।



୩. ବିନ୍ଦୁ ଯୋଡ଼ । ପାଇଥିବା ଜିନିଷର ନାମ ଲେଖ ।



୪. ଯେଉଁ ଜିନିଷଗୁଡ଼ିକ ଗଡ଼ିପାରିବ, ସେଥିରେ ରଙ୍ଗ ଦିଅ ।



ଜିନିଷଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକୁ ଉପରକୁ ଉପର ସଜାଡ଼ି ରଖି ହେବ ଲେଖ ।




# ଦଳ ଦଳ କରି ଗଣିବା



ଚେତନ ଯାଦୁକରଙ୍କୁ କହିଲା - 'ମୋ ଟଙ୍କାଟି ୩ଟଙ୍କା କରିଦିଅ ମୁଁ ଚକୋଲେଟ୍ ଖାଇବି ।'


ଯାଦୁକର ଟଙ୍କାଟିକୁ ଖାଲି ଡବାରେ ପୁରାଇ ଚୁ ... ରୁ ... ରୁ... ରୁ ଭୁଷ୍ ମନ୍ତ୍ର ପଢ଼ିଲେ। ତାଙ୍କ କାନ ପାଖରେ ଡବା ହଲାଇ ହାତକୁ ଟଙ୍କା ଢାଳିଦେଲେ। ଚେତନ ଚଟାପଟ୍ ଗଣି ୩ ଟଙ୍କା କହିଲା ।



ଯାଦୁକର ଚୁ ... ରୁ... ରୁ... ରୁ ଭୁଷ୍ କହି ନାକ ପାଖରୁ ଟଙ୍କା ବାହାର କଲେ । ଚେତନ ତିନି ତିନି ଛଅ ଟଙ୍କା ଗଣିଲା ।

ଏମିତି ହାତରୁ, ଗୋଡ଼ରୁ, ଆଣ୍ଠୁରୁ, ମୁଣ୍ଡରୁ ଟଙ୍କା ବାହାରିଲା ।

ଚେତନ ଗଣିଲା ୩, ୬, ୯, ୧୨, ୧୫ ଟଙ୍କା ।




ଏବେ ଥରକେ ୫ଟଙ୍କା ବାହାର କରିବାକୁ ରୀନା କହିଲା ।


ଯାଦୁକର ଆଗଭଳି ଡବାରୁ ୫ଟଙ୍କା ଲେଖାଏଁ ପ୍ରତି ଥର ବାହାର କଲେ ।

ରୀନା ଗଣିଲା - ୫, ୧୦, ୧୫, ୨୦.... ଟଙ୍କା ।

ଏବେ କହ–

- ଚେତନ ପାଇଥିବା ଟଙ୍କାକୁ କିପରି ଗଣିଲା ?
- ଚେତନ ମଝିରେ କେତୋଟି ଲେଖାଏଁ ସଂଖ୍ୟା ଡେଇଁ ଗଣୁଥିଲା ?
- ପ୍ରଥମେ ସେ କେଉଁଠାରୁ ସଂଖ୍ୟା ଗଣନ ଆରମ୍ଭ କଲା ?
- ରୀନା କେଉଁଠାରୁ ସଂଖ୍ୟା ଗଣିବା ଆରମ୍ଭ କଲା ?
- ରୀନା ମଝିରେ କେତୋଟି ସଂଖ୍ୟା ଡେଇଁ ଗଣୁଥିଲା ?


ଏମାନଙ୍କୁ ଡେଇଁ ଡେଇଁ ଆଗକୁ ନିଅ ।



ଗଣିବା କେମିତି ? ୨, ୪, ୬, ୮, ୧୦ .......



ଗଣିବା କିପରି ? ୫, ୧୦, ୧୫,..........




ଠେକୁଆ ଥରକେ ୪ଟି ଘର ଡେଇଁବ । ୩୬ରେ ପହଞ୍ଚିବା ପାଇଁ ଠେକୁଆ କେତେ ଡିଆଁ ମାରିବ ?



ବେଙ୍ଗ ଡେଇଁବା ସଂଖ୍ୟାରୁ ପହଞ୍ଚିବା ସଂଖ୍ୟା ମଝିରେ କେତୋଟି ସଂଖ୍ୟା ପାର ହେଉଛି ?

ଠେକୁଆ ପ୍ରତି ଡିଆଁରେ ୧୦ଟି ପଥର ପାର ହୁଏ । ଠେକୁଆ ଡେଇଁବା ପଥର ଉପରେ ଠିକ୍ ନମ୍ବର ଲେଖ ।




**ଶିକ୍ଷକଙ୍କପାଇଁ ସୂଚନା :-** ଯେକୌଣସି ସଂଖ୍ୟାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଗଣିବା ପାଇଁ ସୁଯୋଗ ସୃଷ୍ଟି କରାଯିବ । ଯେପରି ପିଲାମାନେ ୨-୨ କରି, ୩-୩ କରି, ୪-୪କରି, ୫-୫କରି ଓ ୧୦-୧୦ କରି ଗଣିବେ । ବସ୍ତୁ ବ୍ୟବହାର କରି ଏପରି ଗଣିବା କାମ କରାଯିବ ।

## ଗାଁ ହାଟ



ପିଲାମାନେ ବଣଭୋଜି ପାଇଁ ଶିକ୍ଷକଙ୍କ ସହିତ ଜିନିଷ କିଣୁଥା'ନ୍ତି ।

ଶିକ୍ଷକ ଚିଠା ଦେଖି କହିଲେ– 'ଲେମ୍ବୁ ୧୨ଟା,
ନଡ଼ିଆ ୮ଟା ଓ
କଦଳୀ ୨୪ଟା କିଣା ହେବ ।'

କଳିକା, କେଦାର ଓ କୁସୁମ କିପରି ଲେମ୍ବୁ,ନଡ଼ିଆ, କଦଳୀ କିଣିଲେ ଦେଖ ।



କଳିକା - ମୋତେ ଲେମ୍ବୁ ୧୨ଟି ଦିଅ ।

ଲେମ୍ବୁବାଲା ଚାରି ଚାରିଟି କରି ଲେମ୍ବୁ ଗଣିଲା ।




| ୧ ପୁଞ୍ଜା | ୧ ପୁଞ୍ଜା | ୧ ପୁଞ୍ଜା |
|---|---|---|

**୩ ପୁଞ୍ଜା ଲେମ୍ବୁ = ୧୨ଟା ଲେମ୍ବୁ**



କେଦାର - ମୋତେ ନଡ଼ିଆ ୮ଟି ଦିଅ ।

ନଡ଼ିଆବାଲା - ଦୁଇ ଦୁଇଟା କରି ଗଣି ନଡ଼ିଆ ଦେଲା ।




| ୧ ଯୋଡ଼ା | ୧ ଯୋଡ଼ା | ୧ ଯୋଡ଼ା | ୧ ଯୋଡ଼ା |
|---|---|---|---|

**୪ ଯୋଡ଼ା ନଡ଼ିଆ = ୮ଟି ନଡ଼ିଆ**



କୁସୁମ - ମୋତେ କଦଳୀ ୨୪ଟି ଦିଅ।

କଦଳୀବାଲା ବାର ବାରଟି କରି ଗଣି କଦଳୀ ଦେଲା ।





**୨ଡଜନ କଦଳୀ = ୨୪ ଟି କଦଳୀ**

**ଏବେ କହ**

- ଥରକେ ୨ଟି ଲେଖାଏଁ ନଡ଼ିଆ ନେଇ ୮ଟି ନଡ଼ିଆକୁ କେତେ ଥରରେ ଗଣିଲା ?
- କେତେ ଥର ଗଣିବାରୁ ୧୨ଟି ଲେମ୍ବୁ ହେଲା ?
- ୨୪ଟି କଦଳୀକୁ କେତେ ଥରରେ ଗଣାଗଲା ?
- କିଏ ବେଶୀ ଥର ଗଣିଲା ?
- ଥରକେ ୪ଟି ଲେଖାଏଁ ଗଣିଥିଲେ ୮ଟି ନଡ଼ିଆ କେତେ ଥର ହୋଇଥା'ନ୍ତା ?
- ଥରକେ ଅଧିକ ଜିନିଷ ନେଇ ଗଣିଲେ କ'ଣ ସୁବିଧା ହୁଏ ?

ଥରକେ ବେଶୀ ସଂଖ୍ୟକ ଜିନିଷ ନେଇ ଗଣିଲେ ଅଳ୍ପ ଥର ଗଣିବାକୁ ହୋଇଥାଏ ।


- ଠେକୁଆ ଓ ମାଙ୍କଡ଼ ଉଭୟଙ୍କ ପାଖରେ ୨୦ଟି ଲେଖାଏଁ କୋଳି ଅଛି । ୨୦ଟି କୋଳିକୁ କିଏ କେତେଥର ଗଣିବ ?



______ ଥରରେ    ______ ଥରରେ



- ୩୦ଟି ଦୀପକୁ କିଏ କିପରି ଗଣିଲେ ଦେଖ -





**ଏବେ କହ–**

- କିଏ ଥରକେ କେତୋଟି ଲେଖାଏଁ ଦୀପ ଗଣିଲେ ?
- ନିହାରିକା କେତେ ଥର ଗଣିଲା ?
- ଏମାନଙ୍କ ମଧ୍ୟରୁ ୩୦ଟି ଦୀପ ପାଇବା ପାଇଁ କିଏ କମ୍ ଥର ଗଣିଲା ?
- ସେମାନଙ୍କ ଗଣନା ମଧ୍ୟରୁ କାହାର ଗଣନା ଅଧିକ ସୁବିଧାଜନକ ? କାହିଁକି ?

**ଶିକ୍ଷକଙ୍କ ପାଇଁ ସୂଚନା** - ଯୋଡ଼ା, ପୁଞ୍ଜା, ଡଜନ ଆଦି ଅନେକ ପ୍ରକାରରେ ଗଣାଯାଇଥାଏ । କିନ୍ତୁ ୧୦, ୧୦ ନେଇ ଗଣିବା ସହଜ ଓ ସୁବିଧା ଜନକ ବୋଲି ପିଲା ଅନୁଭବ କରିବା ପାଇଁ ସୁଯୋଗ ସୃଷ୍ଟି କରାଯିବା ଦରକାର । ପିଲାମାନଙ୍କୁ ଯୋଡ଼ା, ପୁଞ୍ଜା, ଗଣ୍ଡା, ଡଜନ ଭଳି ଶବ୍ଦ ସହ ପରିଚିତ କରାଇବେ ।


## ଦଶ ଦଶ କରି ଗଣିବା–

୧୦ଟି ମହମବତୀରେ ଗୋଟିଏ ବିଡ଼ା, କେତେ ବିଡ଼ା ହେଲା ଓ କେତେ ବଳିଲା ?




୨୩ = ୨ ଦଶ ୩ ଏକ

- ୧୦ଟି ଫୁଲରେ ଗୋଟିଏ ତୋଡ଼ା, କେତୋଟି ଫୁଲତୋଡ଼ା ହେଲା ଦେଖ ।




ମୋଟ ୪୬ଟି ଫୁଲ ଥିଲା । ୪ ଟି ଫୁଲତୋଡ଼ା ହୋଇ ୬ଟି ବଳିଲା ।

୪୬ = ୪ ଦଶ ୬ ଏକ




ପତର ତଳେ ଯାହା ଲୁଚିଯାଇଛି, ପତର ଉପରେ ତାହା ଲେଖ -

| | | | | |
|---|---|---|---|---|
| ୨ | ୧ | = | ୨ ଦଶ | ୧ ଏକ |
| ୫ | ୦ | = | | ୦ ଏକ |
| ୬ | ୮ | = | | ୮ ଏକ |
| ୧ | | = | ୧ ଦଶ | ୯ ଏକ |
| | ୫ | = | ୪ ଦଶ | ୫ ଏକ |
| | | = | ୭ ଦଶ | ୧ ଏକ |
| ୩ | ୫ | = | | |
| ୨ | | = | ୨ ଦଶ | ୭ ଏକ |
| ୫ | ୩ | = | | ୩ ଏକ |


• ବିଦ୍ୟାଳୟ ସଫା କରିବାକୁ ୧୦ ଜଣ ଲେଖାଏଁ ପିଲା ନେଇ ଗୋଟିଏ ଦଳ କରାଗଲା । ପ୍ରତି ଶ୍ରେଣୀରେ କେତୋଟି ଦଳ ହେବ ଓ କେତେ ପିଲା ବଳିବେ ଲେଖ ।

| ଶ୍ରେଣୀ | ପିଲାସଂଖ୍ୟା | ଦଳସଂଖ୍ୟା | ବଳକା ପିଲା |
|---|---|---|---|
| ୧ମ | ୪୩ | ୪ | ........... |
| ୨ୟ | ୩୭ | ୩ | ........... |
| ୩ୟ | ୩୧ | ............ | ........... |
| ୪ର୍ଥ | ୨୬ | ............ | ........... |
| ୫ମ | ୩୦ | ............ | ........... |
| ୬ଷ୍ଠ | ୨୯ | ............ | ........... |
| ୭ମ | ୨୪ | ............ | ........... |




ଗଛ ମୂଳ ଖୋଲରେ ବିଲୁଆଟିଏ, ଗଛ ଉପରେ ଗୋଟିଏ କାଉ ଓ ୬୩ଟି ଶୁଆ ସାଥୀ ହୋଇ ରହୁଥିଲେ । ଦିନେ ଶୁଆମାନେ ଗଛକୁ ଫେରିଲେ ନାହିଁ ।


କାଉ, ବିଲୁଆ ଦୁହେଁ ଖୋଜି ବାହାରିଲେ ।
ଶୁଆମାନଙ୍କୁ ଜାଲରେ ପଡ଼ିଥିବାର ଦେଖିଲେ ।
ବିଲୁଆ ଶୁଆମାନଙ୍କୁ କହିଲା, "ଡରିଲେ ମରିବ ।
ମୁଁ ଯାହା କହୁଛି କର ।
ତୁମ୍ଭେମାନେ ମଲା ଭଳି ପଡ଼ି ରୁହ,
ମୁଁ ବୁଦାମୂଳେ ଲୁଚୁଛି - ଆଗ ଗୋଡ଼
ଦୁଇଟି ଟେକିଲେ, କାଉ କା- କା -କରିବ,
ତୁମେମାନେ ଉଡ଼ିଯିବ ।"



ଶିକାରୀ ଆସିଲା ।
ଶିକାରୀ ମଲା ଶୁଆଭାବି, ଜାଲରୁ ଗୋଟିଏ ଗୋଟିଏ ଶୁଆ ବାହାରେ ରଖିଲା ! ବିଲୁଆ ଗଣି ଚାଲିଲା । ଯେତେବେଳେ ୬୩ଟି ଶୁଆ ହେଲା, ବିଲୁଆ ଆଗ ଗୋଡ଼ ଦୁଇଟି ଟେକି ଦେଲା । କାଉ କା - କା କଲା, ଶୁଆମାନେ ଏକାବେଳେ ଗଛ ଉପରକୁ ଉଡ଼ିଗଲେ ।



ବିଲୁଆକୁ ପଚାରିଲା କାଉ "ଏତେ ଶୁଆକୁ କିପରି ଗଣିଲ ?" ।
ବିଲୁଆ କହିଲା, "ଦେଖ, ମୁଁ କିପରି ସହଜରେ ଗଣିଲି ।"





ଗୋଟିଏ ଶୁଆ - △୧
୪ଟି ଶୁଆ - △୧ △୧ △୧ △୧
୯ଟି ଶୁଆ - △୧ △୧ △୧ △୧ △୧ △୧ △୧ △୧ △୧
୧୦ଟି ଶୁଆ - [୧୦]
୨୦ଟି ଶୁଆ - [୧୦] [୧୦]
୨୧ଟି ଶୁଆ - [୧୦] [୧୦] △୧
୪୫ଟି ଶୁଆ - [୧୦] [୧୦] [୧୦] [୧୦] △୧ △୧ △୧ △୧ △୧
୬୩ଟି ଶୁଆ - [୧୦] [୧୦] [୧୦] [୧୦] [୧୦] [୧୦] △୧ △୧ △୧

ବିଲୁଆ କହିଲା, "ମୁଁ କିପରି ଗଣିଲି ଦେଖିଲ ।" ଏବେ ତୁମେ ସେହିଭଳି ସଂଖ୍ୟା କାର୍ଡ଼ ତିଆରି କର ।


୩୦ଟି ଶୁଆ =

୪୭ଟି ଶୁଆ =

୫୭ଟି ଶୁଆ =

## ଅଭ୍ୟାସ କାର୍ଯ୍ୟ

୧. ନେଉଳ ଥରକେ ୩ଟି ଲେଖାଏଁ ଗଣିଲା । ବିଲେଇ ଥରକେ ୫ଟି ଲେଖାଏଁ ଗଣିଲା ।




କିଏ ଅଧିକା ଥରରେ ସବୁ ମାଛକୁ ଗଣିଲା ? ------------------------------→

୨. ଖାଲି ଘର ପୂରଣ କର -

| ସଂଖ୍ୟା | ଦଶ | ଏକ |
|---|---|---|
| ୩୭ | ୩ | ..... |
| ୮୧ | ..... | ୧ |
| ୪୮ | ..... | ..... |
| ୯୭ | ..... | ..... |
| ..... | ୫ | ୫ |
| ..... | ୭ | ୯ |

୩.




ଗୋଟିଏ ସବୁଜ ଟିକିଲି ୧୦କୁ ବୁଝାଏ ଓ ଗୋଟିଏ ହଳଦିଆ ଟିକିଲି ୧କୁ ବୁଝାଏ

ଚଇନ ଓ କମଳା କେଉଁ କେଉଁ ସଂଖ୍ୟା ପାଇଲେ ଲେଖ ।

କମଳା ପାଇଥିବା ସଂଖ୍ୟା = ..........................................

ଚଇନ ପାଇଥିବା ସଂଖ୍ୟା = ..........................................

୪. ତୁମ ମନରୁ ଛଅଟି ଦୁଇ ଅଙ୍କବିଶିଷ୍ଟ ସଂଖ୍ୟା ଲେଖ । ସେଗୁଡ଼ିକୁ ଦଶ ଓ ଏକରେ ବିସ୍ତାରିତ କରି ଲେଖ ।








# ସାନ ବଡ଼ ସଂଖ୍ୟା ଚିହ୍ନିବା

## ହାତୀନନାର ଖେଳଣା ଦୋକାନ






ଡୁଗୁଲୁ ପାଖରେ ଅଛି ୯ଟଙ୍କା



ଡୋନା ପାଖରେ ଅଛି ୯୯ ଟଙ୍କା

ଡୁଗୁଲୁ ପାଖରେ କେତେ ଟଙ୍କା ଅଛି ? ______________

ସେ କେଉଁ କେଉଁ ଖେଳଣା କିଣିପାରିବ ? ______________

ସେହି ଖେଳଣାଗୁଡ଼ିକ କାହା ପାଖରେ ଅଛି ? ______________

❖ ଠେକୁଆ ପାଖରେ ଥିବା ଖେଳଣାର ଦାମ୍ ଲେଖ, ଯେପରି –କାରର୍ ଦାମ୍ ___୧୫ଟଙ୍କା___

ହାତୀର ଦାମ୍ ________

ଝିଅ କଣ୍ଢେଇର ଦାମ୍ ________

ବ୍ୟାଟ୍‌ର ଦାମ୍ ________

❖ ଡୁଗୁଲୁ, ଠେକୁଆ ପାଖରୁ ଖେଳଣା କିଣି ପାରିବ କି ? ________

❖ ଡୁଗୁଲୁ, ଠେକୁଆ ପାଖରୁ ଖେଳଣା କିଣି ପାରିବ ନାହିଁ କାହିଁକି କହ ।

**ଲକ୍ଷ୍ୟ କର –**

୫ ସଂଖ୍ୟାରେ ଗୋଟିଏ ମାତ୍ର ଅଙ୍କ ଅଛି, ତାହା ହେଉଛି ୫ ।

**ଏବେ କହ ଓ ଲେଖ –**

୭ ସଂଖ୍ୟାରେ ________ ଟି ଅଙ୍କ ଅଛି, ତାହା ହେଉଛି ________ ।

୯ ସଂଖ୍ୟାରେ ________ ଟି ଅଙ୍କ ଅଛି, ତାହା ହେଉଛି ________ ।

୪ ସଂଖ୍ୟାରେ ________ ଟି ଅଙ୍କ ଅଛି, ତାହା ହେଉଛି ________ ।

କିନ୍ତୁ, ୧୫ ସଂଖ୍ୟାରେ ୨ ଟି ଅଙ୍କ ଅଛି, ସେଗୁଡ଼ିକ ହେଲା ୧ ଓ ୫ ।

ଏବେ କହ,

୨୭ ସଂଖ୍ୟାରେ ________ ଟି ଅଙ୍କ ଅଛି, ସେଗୁଡ଼ିକ ହେଲା — ଓ — ।

୪୦ ସଂଖ୍ୟାରେ ________ ଟି ଅଙ୍କ ଅଛି, ସେଗୁଡ଼ିକ ହେଲା — ଓ — ।

୯୯ ସଂଖ୍ୟାରେ ________ ଟି ଅଙ୍କ ଅଛି, ସେଗୁଡ଼ିକ ହେଲା — ଓ — ।



**ଦୁଇଟି ସଂଖ୍ୟା ମଧ୍ୟରେ ଯେଉଁ ସଂଖ୍ୟାର ଅଙ୍କ ସଂଖ୍ୟା ବେଶୀ, ସେହି ସଂଖ୍ୟାଟି ବଡ଼ ।**

ପ୍ରତ୍ୟେକ ଧାଡ଼ିରେ ଥିବା ସଂଖ୍ୟା ଦୁଇଟିରୁ ସାନ ସଂଖ୍ୟାଟିରେ ଗୋଲ ବୁଲାଅ ।

ଯେପରି

| | |
|---|---|
| (୭) | ୧୭ |
| ୫ | ୧୩ |
| ୪୪ | ୪ |
| ୬ | ୧୦ |

| | |
|---|---|
| ୨୪ | ୩ |
| ୮ | ୩୫ |
| ୧୨ | ୨ |
| ୯୧ | ୯ |

- ପିଲାମାନେ ଘୋଡ଼ା ଉପରେ ଓ ଓଟ ଉପରେ ବସିବାକୁ ଲୋକଟି ଆଗରେ ଧାଡ଼ି କଲେ ।





ଲୋକଟି ସବିତାକୁ କହିଲା, "ଓଟରେ ବସିବାକୁ ୬୫ଟଙ୍କା ଦରକାର । ତୁମ ପାଖରେ ୭୨ ଟଙ୍କା ଅଛି, ତାହା ୬୫ଟଙ୍କାରୁ ବେଶୀ, ତେଣୁ ତୁମେ ଓଟ ଉପରେ ବସି ପାରିବ ।"

| | |
|---|---|
| ୭୨ଟଙ୍କା | ୬୫ଟଙ୍କା |
| ୭୨ = ୭ ଦଶ ୨ ଏକ | ୬୫ = ୬ ଦଶ ୫ ଏକ |

୭୨ର ଦଶକ ସ୍ଥାନରେ କେଉଁ ଅଙ୍କ ଅଛି ? ________

୬୫ର ଦଶକ ସ୍ଥାନରେ କେଉଁ ଅଙ୍କ ଅଛି ? ________

୭, ୬ ଠାରୁ ବଡ଼, ତେଣୁ ୭୨ ସଂଖ୍ୟାଟି ୬୫ ଠାରୁ ବଡ଼ ।

ଲୋକଟି ଲିମାକୁ କହିଲା, "ଓଟ ଉପରେ ବସିବାକୁ ୬୫ ଟଙ୍କା ଦରକାର ।

ତୁମ ପାଖରେ ୩୨ ଟଙ୍କା ଅଛି, ୩୨ଟଙ୍କା ୬୫ ଟଙ୍କାରୁ କମ୍ । ତୁମେ ଓଟ ଉପରେ ବସି ପାରିବ ନାହିଁ ।"

| | |
|---|---|
| ୩୨ = ୩ ଦଶ ୨ ଏକ | ୬୫ = ୬ ଦଶ ୫ ଏକ |

୩୨ର ଦଶକ ସ୍ଥାନର ଅଙ୍କ ୩, ୬୫ର ଦଶକ ସ୍ଥାନର ଅଙ୍କ ୬ ।

୩ ଅଙ୍କଟି ୬ ଅଙ୍କଠାରୁ ସାନ ହୋଇଥିବାରୁ ୩୨ ସଂଖ୍ୟାଟି ୬୫ସଂଖ୍ୟାଠାରୁ ସାନ ।



**ଆମେ କ'ଣ ଜାଣିଲେ ?**

**ଦୁଇ ଅଙ୍କ ବିଶିଷ୍ଟ ଦୁଇଟି ସଂଖ୍ୟା ମଧ୍ୟରେ ଯେଉଁ ସଂଖ୍ୟାର ଦଶକ ସ୍ଥାନର ଅଙ୍କଟି ବଡ଼, ସେ ସଂଖ୍ୟାଟି ଅନ୍ୟ ସଂଖ୍ୟାଠାରୁ ବଡ଼ ।**


ସଚିନ୍ ପାଖରେ ୬୧ ଟଙ୍କା ଥିଲା, ସେ ଓଟରେ ବସିପାରିବ କି ?

**ଆସ ଦେଖିବା–** ୬୧ = ୬ ଦଶ ୧ ଏକ    ୬୫ = ୬ ଦଶ ୫ ଏକ

ଲକ୍ଷ୍ୟ କର, ସଂଖ୍ୟା ଦୁଇଟିର ଦଶକ ସ୍ଥାନର ଅଙ୍କ ସମାନ, କିନ୍ତୁ ଏକକ ସ୍ଥାନର ଅଙ୍କ ଅଲଗା ।

୬୫ର ଏକକ ସ୍ଥାନର ଅଙ୍କ, ୬୧ର ଏକକ ସ୍ଥାନର ଅଙ୍କଠାରୁ ଅଧିକ ।


ତେଣୁ ୬୫ ବେଶୀ, ୬୧ କମ୍ ।




**ଦୁଇଟି ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାର ଦଶକ ଘରର ଅଙ୍କ ସମାନ ହେଲେ, ଯାହାର ଏକକ ଘର ଅଙ୍କ ବଡ଼ ସେହି ସଂଖ୍ୟାଟି ବଡ଼ ।**

- ଠେକୁଆ ପାଖରେ ଦଶକ ଘରର ଅଙ୍କ ଅଛି ।

  ମାଙ୍କଡ଼ ଠାରୁ କେଉଁ ଅଙ୍କଗୁଡ଼ିକ ଆଣି ଏକକ ଘରେ ଲେଖିଲେ ନୂଆ ସଂଖ୍ୟାଟି ୪୫ ଠାରୁ ବଡ଼ ସଂଖ୍ୟା ହେବ ଲେଖ ।




| ଦଶକ | ଏକକ |
|---|---|
| ୪ | |
| ୪ | |
| ୪ | |




- ବଣି ପାଖରେ ଦଶକ ଘର ଅଙ୍କ ଲେଖାଥିବା କାର୍ଡ଼ ଅଛି । ସେ ଶୁଆଠାରୁ ସଂଖ୍ୟାକାର୍ଡ଼ ଆଣି ଏକକ ଘରେ କେଉଁ ସ୍ଥାନରେ ଥୋଇଲେ ନୂଆ ସଂଖ୍ୟାଟି ୭୬ଠାରୁ କମ୍ ହେବ ?



| ଦଶକ | ଏକକ |
|---|---|
| ୭ | |
| ୭ | |
| ୭ | |
| ୬ | |
| ୬ | |



# ଅଭ୍ୟାସ କାର୍ଯ୍ୟ

୧. ପ୍ରତି ଧାଡ଼ିରେ ଥିବା ସଂଖ୍ୟା ମଧ୍ୟରୁ ବଡ଼ ସଂଖ୍ୟା ତଳେ ବିଲେଇ ମୁହଁ କର, ସାନ ସଂଖ୍ୟା ତଳେ ମୂଷା ମୁହଁ କର ।

| ୨୫ | ୨୩ | ୭୧ | ୭୨ | ୯ | ୫ | ୫୭ | ୬ | ୯୯ | ୮୯ |
|---|---|---|---|---|---|---|---|---|---|
| | | | | | | | | | |

୨. ଖାଲି ସ୍ଥାନରେ ସଂଖ୍ୟା ଲେଖ ।

(କ)




ଠେକୁଆ ସଂଖ୍ୟାର ଅଙ୍କକୁ ଅଦଳ ବଦଳ କରିବାରୁ ନୂଆ ସଂଖ୍ୟାଟି ୫୩ ହେଲା, ପୂର୍ବରୁ ସଂଖ୍ୟାଟି କେତେ ଥିଲା ?

ନୂଆ ସଂଖ୍ୟାଟି ..................,
ପୂର୍ବ ସଂଖ୍ୟାଟି .................. ।

(ଖ)




ନୂଆ ସଂଖ୍ୟାଟି ..............,
ପୂର୍ବ ସଂଖ୍ୟାଟି ............... ।

(ଗ)

ନୂଆ ସଂଖ୍ୟାଟି ..................,
ପୂର୍ବ ସଂଖ୍ୟାଟି .................. ।




(ଘ)




ନୂଆ ସଂଖ୍ୟାଟି ..............,
ପୂର୍ବ ସଂଖ୍ୟାଟି ............... ।

୩.  ତଳ ସଂଖ୍ୟାମାନଙ୍କର ଅଙ୍କ ଅଦଳ ବଦଳ କର । ନୂଆ ସଂଖ୍ୟାଟିକୁ ତଳ ଘରେ ଲେଖ । ବଡ଼ ସଂଖ୍ୟା ଥିବା ଘରକୁ ରଂଗ ଦିଅ ।

| | | | | |
|---|---|---|---|---|
| ୫୮ | ୯୧ | ୪୦ | ୩୪ | ୮୯ |
| ୮୫ | | | | |

୪.

| | |
|---|---|
| ୩ | ୫ |
| ୧ | ୯ |

ଏହି ଚାରୋଟି ଅଙ୍କକୁ ବ୍ୟବହାର କରି ଦୁଇଅଙ୍କ ବିଶିଷ୍ଟ ସଂଖ୍ୟା ଗଠନ କର । ଯେପରି - ୩୧ , ୫୯

| | | | | |
|---|---|---|---|---|
| | | | | |
| | | | | |

ଏମାନଙ୍କ ମଧ୍ୟରୁ ସବୁଠାରୁ ସାନ ସଂଖ୍ୟାଟି କେତେ ? ......................

ଏମାନଙ୍କ ମଧ୍ୟରୁ ସବୁଠାରୁ ବଡ଼ ସଂଖ୍ୟାଟି କେତେ ? ......................

୫.  (କ) ୬କୁ ଦଶକ ସ୍ଥାନରେ ରଖି ଦୁଇଅଙ୍କ ବିଶିଷ୍ଟ ସଂଖ୍ୟା ଗଢ଼ିବା ।


| | |
|---|---|
| ୬୭ | ____ |
| ____ | ____ |
| ____ | ____ |
| ____ | ____ |

ଏମାନଙ୍କ ମଧ୍ୟରୁ ସବୁଠାରୁ ବଡ଼ ସଂଖ୍ୟାଟି - ____________

ଏମାନଙ୍କ ମଧ୍ୟରୁ ସବୁଠାରୁ ସାନ ସଂଖ୍ୟାଟି - ____________

(ଖ) ଆସ, ୬ କୁ ଏକକ ସ୍ଥାନରେ ରଖି ସଂଖ୍ୟା ଗଢ଼ିବା ।

| | |
|---|---|
| ୮୬ | — |
| —୬ | — |
| — | — |
| — | — |



ଏମାନଙ୍କ ମଧ୍ୟରୁ ସବୁଠାରୁ ବଡ଼ ସଂଖ୍ୟାଟି କେତେ ? __________

ଏମାନଙ୍କ ମଧ୍ୟରୁ ସବୁଠାରୁ ସାନ ସଂଖ୍ୟାଟି କେତେ ? __________

୬.(କ)




ଠେକୁଆ– "କେମିତି ଜାଣିଲ ?"

ବେଙ୍ଗ –"୮ ରେ ଗୋଟିଏ ଅଙ୍କ ଅଛି, ୧୬ରେ ୨ଟି ଅଙ୍କ ଅଛି ।"

(ଖ)




ଠେକୁଆ– "କେମିତି ଜାଣିଲ କୁହ ।"

ବେଙ୍ଗ– __________

(ଗ)




ଠେକୁଆ – "କେମିତି ଜାଣିଲ କୁହ ।"

ବେଙ୍ଗ– __________

# ପାଠ-୬

# କାହା ସ୍ଥାନ କେଉଁଠି ଜାଣିବା





'**ଜଙ୍ଗଲ ସୁରକ୍ଷା, ଜୀବନ ରକ୍ଷା**' କହିକହି ପଶୁପକ୍ଷୀମାନେ ବଣରାଇଜରେ ବୁଲୁଥାନ୍ତି ।
କଥାଟା ସିଂହରାଜାଙ୍କ ମନକୁ ପାଇଲା । ସେ ବାଘକୁ କହିଲେ -
"ବଳୁଆ ବଳୁଆ ପଶୁ ବାଛି ବଣର ଜଗୁଆଳି ରୂପେ ଚାକିରି ଦିଅ ।"



ଏକ ଦୌଡ଼ ପ୍ରତିଯୋଗିତା କରି
ଦଶ ଜଣ ପଶୁ ବାଛିବାକୁ ବାଘ ଭାବିଲା ।
ଭାଲୁ ଡେଙ୍ଗୁରା ବଜାଇ ବଣରେ ଚହଳ କରିଦେଲା ।

ତା'ପରଦିନ ଦୌଡ଼ ପ୍ରତିଯୋଗିତା ହେଲା। ସବୁ ପଶୁମାନେ ଏକାଠି ହେଲେ । ଦୌଡ଼ ପ୍ରତିଯୋଗିତା ଆରମ୍ଭ ହେଲା । ବିଚାରପତି ହେଲା ହନୁମାଙ୍କଡ଼, ପାତିମାଙ୍କଡ଼ ଲେଖାଲେଖି କଲା ।


ଆଗପଛ ହୋଇ ଯେଉଁ ୧୦ଜଣ ହନୁମାଙ୍କଡ଼ ପାଖରେ ପହଞ୍ଚିଲେ, ସେମାନଙ୍କ ବେକରେ କାର୍ଡ଼ ଓହଳାଇ ଦିଆଗଲା ।




ଚିତାବାଘ ଆଗ ଆସି ପହଞ୍ଚିଲା ।

ଚିତାବାଘ - ପ୍ରଥମ
ହରିଣ - ଦ୍ୱିତୀୟ
ଘୋଡ଼ା - ତୃତୀୟ

| | |
|---|---|
| ଚିତାବାଘ | ପ୍ରଥମ |
| ହରିଣ | ଦ୍ୱିତୀୟ |
| ଗୟଳ | ତୃତୀୟ |
| ଘୋଡ଼ା | ଚତୁର୍ଥ |
| ଭାଲୁ | ପଞ୍ଚମ |
| ଗଧ | ........ |
| ଓଟ | ........ |
| ଜିରାଫ | ........ |
| ନେଉଳ | ........ |
| ଠେକୁଆ | ........ |



**ପାତିମାଙ୍କଡ଼ ଫଳାଫଳ ପୂରଣ କରୁଛି, ତାକୁ ସାହାଯ୍ୟ କର ।**

ଲେଖ,


- ଆଗ କିଏ ଆସି ପହଞ୍ଚିଲା ? ......................
- ପ୍ରଥମ ଲେଖାଥିବା କାର୍ଡ଼ଟି କିଏ ପାଇଲା ? ......................
- ଚିତାବାଘ ପରେ କିଏ ଆସିଲା ? ......................

- ତାକୁ ମିଳିଥିବା କାର୍ଡରେ କ'ଣ ଲେଖାଥିଲା ? ......................
- ଘୋଡ଼ା କେଉଁ ସ୍ଥାନରେ ଅଛି ? ......................
- ପଞ୍ଚମ ସ୍ଥାନରେ କିଏ ଅଛି ? ......................
- ଭାଲୁ ପୂର୍ବରୁ କେତେ ଜଣ ପହଞ୍ଚିଥିଲେ ? ......................
- କିଏ ଶେଷରେ ଆସିଲା ? ......................
- ତାକୁ ମିଳିଥିବା କାର୍ଡ଼ରେ କ'ଣ ଲେଖାଥିଲା ? ......................


## ନେଉଳର ମାଛଧରା–

ନେଉଳର ବନିଶୀଖାଡ଼ିରେ ପ୍ରଥମେ ଭାକୁର ମାଛ ପଡ଼ିଲା ।
ଭାକୁର ମାଛକୁ ବଞ୍ଚାଇବା ପାଇଁ କିଏ କିଏ
ତା' ପଛକୁ ପଛକୁ ଓହଳିଲେ ?

ବନଶୀଖାଡ଼ି ଓଜନିଆ ହେବାରୁ ନେଉଳ
କାହାକୁ ଡାକିଲା ?
ଓଧ ଓ ନେଉଳ କିଏ କାହାକୁ ଖାଇବେ
ଗାର ଟାଣି ଦେଖାଅ ।



- ଥରେ କୁକୁରମାନଙ୍କର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ହେଉଥିଲା । ସେମାନଙ୍କର ସୁନ୍ଦର ସ୍ୱାସ୍ଥ୍ୟ ଅନୁସାରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୧୦ଟି କୁକୁର ଖୁଣ୍ଟିରେ ବନ୍ଧା ହୋଇଛନ୍ତି । ଖୁଣ୍ଟିରୁ ଡୋରି ଦେଇ ଯାଅ, ସେମାନଙ୍କର ସ୍ଥାନ ବାହାର କରି ପ୍ରଥମ ଓ ଦ୍ୱିତୀୟ ଇତ୍ୟାଦି ଲେଖ ।




- କଳା କୁକୁର କେଉଁ ପୁରସ୍କାର ପାଇଲା ? ________
- ପ୍ରଥମ ପାଇଁ ସଂକ୍ଷେପରେ କ'ଣ ଲେଖାଯାଇଛି ? ________
- ଚତୁର୍ଥ ପାଇଁ ସଂକ୍ଷେପରେ କ'ଣ ଲେଖାଯାଇଛି ? ________
- ସପ୍ତମ ପାଇଁ ସଂକ୍ଷେପରେ କ'ଣ ଲେଖାଯାଇଛି ? ________
- ନବମ ପାଇଁ ସଂକ୍ଷେପରେ କ'ଣ ଲେଖାଯାଇଛି ? ________
- ଦଶମ ପାଇଁ ସଂକ୍ଷେପରେ କ'ଣ ଲେଖାଯାଇଛି ? ________




ସୁବିଧାରେ ଲେଖିବା ପାଇଁ ପ୍ରଥମକୁ - ୧ମ, ଦ୍ୱିତୀୟକୁ - ୨ୟ, ତୃତୀୟକୁ - ୩ୟ ଭାବେ ଲେଖାଯାଏ ।

କିନ୍ତୁ ପ୍ରଥମକୁ '୧ମ', ଦ୍ୱିତୀୟକୁ '୨ୟ', ପଢ଼ାଯାଏ ନାହିଁ ।

## ଅଭ୍ୟାସ କାର୍ଯ୍ୟ

୧.




- କୁନା କେଉଁ ପାହଚରେ ଠିଆ ହୋଇଛି ? ______
- ମୁନି କେତେ ପାହାଚ ଯିବା ପରେ ୩ୟ ପାହାଚରେ ପହଞ୍ଚିଛି ? ______
- କୁନା କେତୋଟି ପାହାଚ ଓହ୍ଲାଇଲେ ମୁନା ଠିଆ ହୋଇଥିବା ପାହାଚକୁ ଆସିବ ? ______
- ଲିନା ୪ଟି ପାହାଚରୁ ଓହ୍ଲାଇଲେ କେଉଁ ପାହାଚରେ ପହଞ୍ଚିବ ? ______
- ମୁନି କେତେ ପାହାଚ ଉଠିଲେ ଓ ମୁନା କେତେ ପାହାଚ ଖସିଲେ ଦୁହେଁ ଗୋଟିଏ ପାହାଚରେ ଠିଆ ହେବେ ? ______


ଏବେ ଲେଖ ୧ମ = ପ୍ରଥମ

୨ୟ = ______, ୩ୟ = ______, ୪ର୍ଥ = ______,

୫ମ = ______, ୬ଷ୍ଠ = ______, ୭ମ = ______,

୮ମ = ______, ୯ମ = ______, ୧୦ମ = ______

୨. ଖେଳାଳିଙ୍କ ଟୋକନ୍‌ରେ କିଛି ଲେଖାଯାଇଛି ଓ କିଛି ଖାଲି ଅଛି । ଖାଲି ଥିବା ଘର ପୂରଣ କରି କେଉଁ ଟୋକନ୍ କାହାର, ଗାର ଦେଇ ଚିହ୍ନାଅ ।





୩. ପରୀକ୍ଷାରେ ଗୋଟିଏ ସ୍ଥାନ ପାଇଥିବା ତୁମ ଶ୍ରେଣୀରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ପିଲାଙ୍କ ନାମ ଦିଆଯାଇଛି । ୨୦ ନମ୍ବରରୁ କିଏ କେତେ ପାଇବ ତୁମେ ନିଜେ ନମ୍ବର ଦିଅ ।

| ପିଲାଙ୍କ ନାମ | ସ୍ଥାନ | ନମ୍ବର |
|---|---|---|
| ଆଲୋକ | ପ୍ରଥମ | ...................... |
| ରୋଜି | ଦ୍ୱିତୀୟ | ...................... |
| ବାବୁନା | ତୃତୀୟ | ...................... |
| ମିତାଲି | ଚତୁର୍ଥ | ...................... |
| ସୌରଭ | ପଞ୍ଚମ | ...................... |
| ସୟଦ | ଷଷ୍ଠ | ...................... |
| ବାବି | ସପ୍ତମ | ...................... |
| ସୀମା | ଅଷ୍ଟମ | ...................... |
| ରମା | ନବମ | ...................... |
| ଭୀମ | ଦଶମ | ...................... |

# ମିଶାଣ କରିବା

## ଆଖି ଡାକ୍ତର ବାଦୁଡ଼ି -



ଗାଁ ମୁଣ୍ଡ ବରଗଛରେ ୧୫ ଟି ପେଚା ଓ ୧୨ଟି ପାରା ରହୁଥିଲେ । ସେମାନଙ୍କ ମଧ୍ୟରେ ବେଳେବେଳେ କଳି ହୁଏ । ପାରାଦଳ ପେଚାଦଳଙ୍କୁ ଦେଖେଇ ଦେଖେଇ କହନ୍ତି - ''ଆମେ ଦିନରେ ଚରାବୁଲା କଲା ବେଳେ ତୁମେ ଗଛ କୋରଡ଼ରେ ଲୁଚି ବସୁଛ । ଦିନ ଆଲୁଅରେ ବି ତୁମେ କିଛି ଦେଖିପାରୁନ ।'' ଏ କଥା ପେଚାମାନଙ୍କୁ ବହୁତ ବାଧିଲା । ସେମାନେ ମଧ୍ୟ ଛାଡ଼ିଲେନି । ପେଚା ଦଳ ରାଗ ତମତମ ହୋଇ କହିଲେ, ''ତୁମମାନଙ୍କର ବି ଆଖି ଦୋଷ ରହିଛି । ଆମେ ଅନ୍ଧାର ରାତିରେ ଖେଳାବୁଲା କଲାବେଳେ ତୁମେ ଗଛ ଡାଳରେ ବସି ଘୁମୁରୁଛ ।''



ଦୁଇ ଦଳର କଳି ବଢ଼ିବାରୁ ବାଦୁଡ଼ି ସେଥିରେ ମୁଣ୍ଡ ପୁରାଇଲା । ଉଭୟ ଦଳକୁ ଡାକି ଡାକ୍ତର ବାଦୁଡ଼ି କହିଲା, "କଳିଗୋଳ କରନାହିଁ । ଜଣଙ୍କ ପରେ ଜଣେ ଆସ । ତୁମ ସମସ୍ତଙ୍କ ଆଖି ପରଖି ନେବା ।''

ସମସ୍ତଙ୍କ ଆଖି ପରଖିବା ପରେ ବାଦୁଡ଼ି କହିଲା, ''ତୁମ ସମସ୍ତଙ୍କର ଆଖି ଦୋଷ ରହିଛି । ଏଥିପାଇଁ ଔଷଧ କାମ କରିବନାହିଁ । ତୁମମାନଙ୍କୁ ଚଷମା ନେବାକୁ ହେବ ।''

ଏବେ କହ – କେତୋଟି ଚଷମା ଦରକାର ?

| | | |
|---|---|---|
| ପାରାଙ୍କ ପାଇଁ | | ୧ ୨ ଟି ଚଷମା |
| ପେଚାଙ୍କ ପାଇଁ | | ୧ ୫ ଟି ଚଷମା |
| ମୋଟ୍ | = | ୨ ୭ ଟି ଚଷମା |


ମିଶାଣ କିପରି କରାଯାଇଛି ଦେଖିବା । ଆସ, କାଠି ସାହାଯ୍ୟରେ ମିଶାଣ କରିବା ।


ପାରା ୧ ୨ ଟି + ପେଚା ୧ ୫ଟି






୧ ଦଶ ୨ ଏକ + ୧ ଦଶ ୫ ଏକ







୨ ଦଶ + ୭ ଏକ = ୨ ୭

୧ ୨ = ୧ ଦଶ ୨ ଏକ

\+ ୧ ୫ = ୧ଦଶ ୫ ଏକ

୨ ଦଶ ୭ ଏକ

୨ଦଶ ୭ ଏକ = ୨ ୭

| | ଦଶକ | ଏକକ |
|---|---|---|
| | ୧ | ୨ |
| + | ୧ | ୫ |
| | ୨ | ୭ |

- ସବୁଦିନ ସକାଳୁ କବିତା ଓ ରମେଶ ନିଜ ବଗିଚାରୁ ଫୁଲ ତୋଳନ୍ତି । ଦିନେ କବିତା ୩୧ଟି ଗେଣ୍ଡୁ ଫୁଲ ଓ ରମେଶ ୨୮ଟି ଟଗର ଫୁଲ ତୋଳିଲେ । ସେହିଦିନ କବିତା ଓ ରମେଶ ମୋଟ୍ କେତୋଟି ଫୁଲ ତୋଳିଥିଲେ ?

କବିତା ତୋଳିଥିବା ଫୁଲ 

ରମେଶ ତୋଳିଥିବା ଫୁଲ 

ଆମେ ଏପରି ଲେଖିପାରିବା:

କବିତା ତୋଳିଥିବା ଫୁଲ ସଂଖ୍ୟା = ୩୧


ରମେଶ ତୋଳିଥିବା ଫୁଲ ସଂଖ୍ୟା = ୨୮


ଉଭୟଙ୍କର ମୋଟ୍ ଫୁଲ ସଂଖ୍ୟା = ୫୯


| | ଦଶକ | ଏକକ |
|---|---|---|
| | ୩ | ୧ |
| + | ୨ | ୮ |
| | ୫ | ୯ |


∴ କବିତା ଓ ରମେଶ ମଶି ୫୯ଟି ଫୁଲ ତୋଳିଥିଲେ ।

- ଗୋଟିଏ ଡାଲାରେ ୨୫ ଟି ଫୁଲ ଓ ଆଉ ଗୋଟିଏ ଡାଲାରେ ୧୭ଟି ଫୁଲ । ସେହି ଦୁଇଟି ଡାଲାରେ ମୋଟ୍‌ରେ କେତୋଟି ଫୁଲ ଅଛି ?

ପ୍ରଥମ ଡାଲାରେ = 

\+ ଦ୍ୱିତୀୟ ଡାଲାରେ = 

ମୋଟ = 

 = ୪୨ ଟି ଫୁଲ

ଏଠାରେ, ୨୫ = [୨] ଦଶ ଓ [୫] ଏକ

୧୭ = [୧] ଦଶ ଓ [୭] ଏକ

| | ଦଶକ | ଏକକ |
|---|---|---|
| | ୨ | ୫ |
| + | ୧ | ୭ |
| | ୩ ଦଶ | ୧୨ (ବା ୧ ଦଶ ୨ ଏକ) |
| | ୪ ଦଶ | ୨ ଏକ |

- ଚିତ୍ର ଦେଖି ବୁଝ ଓ ଉତ୍ତର ଲେଖ ।

 +  = 

[୧୩] [୫] [୧୮]

 +  = 

[୫] [୧୩] [ ]

ଆମେ ଜାଣିଲେ ୧୩ + ୫ = ୫ + ୧୩

୬ + ୩ = ______ ୩ + ୬ = ______

**ଦୁଇଟି ସଂଖ୍ୟାର କ୍ରମ ବଦଳାଇ ଯୋଗକଲେ ଯୋଗଫଳ ସମାନ ରହିବ ।**

## ଅଭ୍ୟାସ କାର୍ଯ୍ୟ

୧. ଖାଲିସ୍ଥାନରେ ଯୋଗଫଳ ଲେଖ ।

(କ) ୨୫ + ୩୪ = ______

(ଖ) ୪୧ + ୫୮ = ______

(ଗ) ୬୦ + ୨୯ = ______

(ଘ) ୨୫ + ୩୦ = ______

(ଙ) ୩୯ + ୫୪ = ______

(ଚ) ୭୭ + ୧୬ = ______

୨. ଖାଲି ଘର ପୂରଣ କର ।

(କ) ୩୨ + ୧୫ + ୨୧ = ☐

(ଖ) ୧୧ + ୧୦ + ୬୫ = ☐

(ଗ) ୨୨ + ୬ + ୫୧ = ☐


(ଘ) ୩୩ + ୧୨ + ୨୪ = ☐

(ଙ) ୧ + ୧୩ + ୬୨ = ☐

୯ + ୧୫ + ୨୪ = ☐

୩. ଉଦାହରଣ ଦେଖି ଖାଲି ଘର ପୂରଣ କର ।

୪୮ + ୧୬ = ୬୪



୪. ବିଲେଇ କେଉଁ ସଂଖ୍ୟା ଲେଖିବା ପରେ ମାଛକୁ ଖାଇ ପାରିବ ?




୫. ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ମିଶାଣ କରି ଦେଖାଅ-



| | | | | | | |
|---|---|---|---|---|---|---|
| (କ) | ପ୍ରଥମ ଓ ଦ୍ୱିତୀୟ ଡବାରେ ମିଶି କେତେଜଣ ? | ୫୪ | + | ୩୧ | = | ୮୫ |
| (ଖ) | ତୃତୀୟ ଓ ଚତୁର୍ଥ ଡବାରେ ମିଶି କେତେଜଣ ? | | + | | = | |
| (ଗ) | ପଞ୍ଚମ ଓ ଷଷ୍ଠ ଡବାରେ ମିଶି କେତେଜଣ ? | | + | | = | |
| (ଘ) | ପ୍ରଥମ ଓ ଷଷ୍ଠ ଡବାରେ ମିଶି କେତେଜଣ ? | | + | | = | |
| (ଙ) | ପ୍ରଥମ ଓ ଦ୍ୱିତୀୟ ଡବାରେ ମିଶି କେତେଜଣ ? | | + | | = | |

୬. କେଉଁ ଛୋଟ ଗାଡ଼ି ଦୁଇଟିର ଲୋକ, କେଉଁ ବଡ଼ ଗାଡ଼ିରେ ଯାଇ ପାରିବେ ଲେଖ ।



୨୫ ଜଣ
(୧ମ)



୨୮ ଜଣ
(୨ୟ)



୨୭ ଜଣ
(୩ୟ)



୨୬ ଜଣ
(୪ର୍ଥ)



୫୫ ଜଣ
(୫ମ)



୫୧ ଜଣ
(୬ଷ୍ଠ)



୫୪ ଜଣ
(୭ମ)




୫୩ ଜଣ
(୮ମ)



୫୨ ଜଣ
(୯ମ)

୭. ସାଙ୍ଗ ଦୁଇଟିଙ୍କୁ ଚିହ୍ନାଅ ।




୮. ଦିଆଯାଇଥିବା ସାରଣୀରୁ ଯେ କୌଣସି ଦୁଇଟି ଲେଖାଏଁ ଅଙ୍କ ନେଇ ସଂଖ୍ୟା ଗଢ଼ ।

| | |
|---|---|
| ୧ | ୨ |
| ୩ | ୪ |

........... ........... ........... ...........

........... ........... ........... ...........

ସେଥିରୁ ଦୁଇ ଦୁଇଟି ସଂଖ୍ୟା ନେଇ ସେମାନଙ୍କର ଯୋଗଫଳ ନିର୍ଣ୍ଣୟ କର ।

☐ + ☐ = ☐

☐ + ☐ = ☐

☐ + ☐ = ☐

☐ + ☐ = ☐

☐ + ☐ = ☐

☐ + ☐ = ☐

ଏହିପରି ଆଉ କେତୋଟି ଯୋଗ କରିପାରିବ କର ।

୯. 'କ' ସ୍ତମ୍ଭର କେଉଁ ଯୋଡ଼ା ଜିନିଷର ଦାମ୍ ସହ 'ଖ' ସ୍ତମ୍ଭର କେଉଁ ଯୋଡ଼ା ଜିନିଷର ଦାମ୍ ସମାନ ?

'କ'



୩୫ ଟଙ୍କା + ୨୫ ଟଙ୍କା

୬୦



୪୮ ଟଙ୍କା + ୩୩ ଟଙ୍କା



୬୫ ଟଙ୍କା + ୨୮ ଟଙ୍କା



୬୬ ଟଙ୍କା + ୨୪ ଟଙ୍କା




୬୯ ଟଙ୍କା + ୨୬ ଟଙ୍କା


"ଖ'




୫୮ ଟଙ୍କା + ୩୭ ଟଙ୍କା



୫୪ ଟଙ୍କା + ୨୭ ଟଙ୍କା



୩୮ ଟଙ୍କା + ୨୨ ଟଙ୍କା




୭୧ ଟଙ୍କା + ୨୨ ଟଙ୍କା




୫୫ ଟଙ୍କା + ୩୫ ଟଙ୍କା

୧୦. ତଳେ ଏକ ଚିତ୍ର ଦିଆଯାଇଛି । ରମୁ ଓ ତାର ସାଙ୍ଗମାନେ ଖେଳୁଛନ୍ତି । ବଲ୍‌କୁ ବ୍ୟାଟ୍‌ରେ ଧୀରେ ଧୀରେ ବାଡ଼େଇ ଉପରକୁ ଉଠାଉଛନ୍ତି । ବଲ୍ ତଳେ ପଡ଼ିବ ନାହିଁ । ପ୍ରତି ଖେଳାଳିଙ୍କୁ ଦୁଇ ଥର ସୁଯୋଗ ମିଳିବ । ପ୍ରଥମେ ରମୁ ଖେଳିଲା । ପ୍ରଥମେ,ସେ ବଲ୍‌କୁ ବ୍ୟାଟ୍‌ରେ ବାଡ଼େଇ ୧୪ଥର ଉପରକୁ ଉଠାଇଲା । ଦ୍ୱିତୀୟରେ ୫ଥର ଉଠାଇଲା । ତେବେ ରମୁ ମୋଟ୍‌ରେ ବଲ୍‌କୁ କେତେ ଥର ଉପରକୁ ଉଠାଇଲା, ହିସାବ କରି କହ । ଅନ୍ୟ ସାଙ୍ଗମାନେ ଖେଳିଲେ । କିଏ ମୋଟ୍‌ରେ କେତେଥର ବ୍ୟାଟ୍ ସହିତ ବଲ୍‌କୁ ପିଟିଛନ୍ତି ତଳେ ଚିତ୍ରରେ ଦିଆଯାଇଛି । ଚିତ୍ର ଦେଖି ଉତ୍ତର ଲେଖ ।




- ଖେଳରେ କିଏ ଜିତିଲା ? ☐
- କିଏ ହାରିଲା ? ☐

୧୧. ଗୋଟିଏ ଡାଲାରେ ୨୫ଟି ଫୁଲ ଓ ଆଉ ଗୋଟିଏ ଡାଲାରେ ୧୭ଟି ଫୁଲ ଅଛି । ସେହି ଦୁଇଟିଯାକ ଡାଲାରେ ମୋଟ୍ କେତୋଟି ଫୁଲ ଅଛି ?




ଗୋଟିଏ ଡାଲାରେ ଥିବା ଫୁଲ ସଂଖ୍ୟା = ______

ଆଉ ଗୋଟିଏ ଡାଲାରେ ଥିବା ଫୁଲ ସଂଖ୍ୟା = ______

ଦୁଇଟି ଡାଲାରେ ଥିବା ମୋଟ୍ ଫୁଲ ସଂଖ୍ୟା = ______ + ______ = ______

ମୋଟ୍‌ରେ ଫୁଲ ଅଛି = ______

୧୨. ଗୋଟିଏ ଘର ତିଆରି ପାଇଁ ପ୍ରଥମ ଦିନ ୨୫ ଜଣ, ଦ୍ୱିତୀୟ ଦିନ ୨୩ ଜଣ ଓ ତୃତୀୟ ଦିନ ୨୧ ଜଣ ଲୋକ କାମ କରିଥିଲେ । ତେବେ ତିନି ଦିନରେ ମୋଟ୍ କେତେ ଲୋକ କାମ କରିଥିଲେ ?



ଉତ୍ତର–

ପ୍ରଥମ ଦିନ କାମ କରିଥିବା ଲୋକସଂଖ୍ୟା = ____

ଦ୍ୱିତୀୟ ଦିନ କାମ କରିଥିବା ଲୋକସଂଖ୍ୟା = ____

ତୃତୀୟ ଦିନ କାମ କରିଥିବା ଲୋକସଂଖ୍ୟା = ____

ତିନି ଦିନରେ ମୋଟ୍ କାମ କରିଥିବା ଲୋକସଂଖ୍ୟା = ____ + ____ + ____ = ____

୧୩. ଜଣେ ମାଛଧରାଳି ପ୍ରଥମ ଦିନ ୧୪ଟି, ଦ୍ୱିତୀୟ ଦିନ ୨୧ଟି ଓ ତୃତୀୟ ଦିନ ୨୩ଟି ମାଛ ଧରିଲେ । ତିନି ଦିନରେ ମୋଟ୍‌ରେ ସେ କେତୋଟି ମାଛ ଧରିଲେ ?



ଉତ୍ତର

ପ୍ରଥମ ଦିନ ଧରିଥିବା ମାଛ ସଂଖ୍ୟା = ୧୪

ଦ୍ୱିତୀୟ ଦିନ ଧରିଥିବା ମାଛ ସଂଖ୍ୟା = ☐

ତୃତୀୟ ଦିନ ଧରିଥିବା ମାଛ ସଂଖ୍ୟା = ☐

ତିନି ଦିନରେ ଧରିଥିବା ମୋଟ୍ ମାଛ ସଂଖ୍ୟା = ☐ + ☐ + ☐ = ☐

୧୪. ଗୋଟିଏ ବ୍ୟାଗ୍‌ରେ ୨୩ଟି ପିଜୁଳି ଓ ୨୫ଟି ଆତ ଅଛି । ସେହି ବ୍ୟାଗ୍‌ରେ ମୋଟ୍‌ରେ କେତୋଟି ଫଳ ଅଛି ?


୧୫. ଗୋଟିଏ ଟ୍ରାକ୍ଟରରେ ୩୪ ବସ୍ତା ସିମେଣ୍ଟ ଆସିଲା । ଆଉ ଗୋଟିଏ ଟ୍ରାକ୍ଟରରେ ୨୧ ବସ୍ତା ସିମେଣ୍ଟ ଆସିଲା । ଏହି ଦୁଇ ଟ୍ରାକ୍ଟରରେ ମୋଟ୍‌ରେ କେତେ ବସ୍ତା ସିମେଣ୍ଟ ଆସିଲା ?


୧୬. ଗୋଟିଏ ପେଟିରେ ୨୬ଟି ଓ ଆଉ ଗୋଟିଏ ପେଟିରେ ୨୨ଟି ଚକ୍ ରହିଛି । ଉଭୟ ପେଟିରେ ମୋଟ୍‌ରେ କେତେ ଖଣ୍ଡ ଚକ୍ ରହିଛି ?

୧୭. ତୁମେ ଏକ ବହି ଦୋକାନରୁ ଗୋଟିଏ ବହି ଓ ଗୋଟିଏ କଲମ କିଣିଲ । ଦୋକାନୀଟି ବହି ପାଇଁ ୨୭ଟଙ୍କା ଓ କଲମ ପାଇଁ ୧୨ ଟଙ୍କା ନେଲା । ତେବେ ତୁମେ ଦୋକାନୀକୁ କେତେ ଟଙ୍କା ଦେଲ ?

୧୮. ଗୋଟିଏ ପଡ଼ିଆରେ ୧୦ଟି ଗାଈ, ୧୨ଟି ବଳଦ ଓ ୬ଟି ବାଛୁରୀ ଚରୁଥିଲେ । ତେବେ ସେହି ପଡ଼ିଆରେ ଚରୁଥିବା ଗାଈ ବଳଦ ଓ ବାଛୁରୀଙ୍କ ମୋଟ୍ ସଂଖ୍ୟା କେତେ ?

୧୯. ଉଦାହରଣ ଦେଖି ଖାଲି ସ୍ଥାନ ପୂରଣ କର ।




୨୦. ଝିଟିପିଟି, ଗୋଟିଏ ଗାତରୁ ଆଉ ଗୋଟିଏ ଗାତକୁ ଯାଉଛି । ପ୍ରତି ଗାତ ଭିତରେ ପୋକ ଲୁଚି ରହିଛନ୍ତି । କେଉଁ ଗାତରେ କେତେ ପୋକ ଅଛି ସଂଖ୍ୟାରେ ଦେଖାଯାଇଛି । ବର୍ତ୍ତମାନ ଚିତ୍ର ଦେଖ ଓ ଲେଖ ।

(କ) କେଉଁ ବାଟ ଦେଇ ଗଲେ ସେ ୧୬ଟି ପୋକ ଖାଇପାରିବ ?

◯ + ◯ + ◯ = ୧୬

(ଖ) କେଉଁ ବାଟ ଦେଇ ଗଲେ ଝିଟିପିଟି ୧୮ଟି ପୋକ ଖାଇ ପାରିବ ?

◯ + ◯ + ◯ = ୧୮

(ଗ) କେଉଁ ବାଟରେ ଗଲେ ଝିଟିପିଟି ୨୨ଟି ପୋକ ଖାଇ ପାରିବ ?

◯ + ◯ + ◯ = ୨୨

୨୧. ଉଦାହରଣ ପରି ଖାଲି ସ୍ଥାନ ପୂରଣ କର ।

| | | | | | | | | | |
|---|---|---|---|---|---|---|---|---|---|
| ୪୦ | | | | | | | | | |
| ୪ | | | | | | | | | |
| ୪ | | | | | | | | | |
| ୪ | | | ୩୬ | | | | | | |
| ୪ | | | ୪ | | | | | | |
| ୪ | | | ୪ | | | | | | |
| ୪ | | | ୪ | | | ୨୦ | | | |
| ୪ | | | ୪ | | | | ୧୬ | | |
| ୪ | | | ୪ | | | | | ୧୦ | |
| ୪ | | | ୪ | | | | | | ୪ |
| ୪ | | | ୪ | | | | | | |

୨୨. ଉଦାହରଣ ପରି ଖାଲି ସ୍ଥାନ ପୂରଣ କର ।

| | | | | | | | | | |
|---|---|---|---|---|---|---|---|---|---|
| ୧୦୦ | | | | | | | | | |
| ୧୦ | | | | | | | | | |
| ୧୦ | | | | | | | | | |
| ୧୦ | | | | | | | | | |
| ୧୦ | | | | | | | | | |
| ୧୦ | | | | | | | | | |
| ୧୦ | | | | | | | | | |
| ୧୦ | | | | | | | | | |
| ୧୦ | | | | | | | | ୨୦ | |
| ୧୦ | | | | | | | | | ୧୦ |
| ୧୦ | | | | | | | | | |

୨୩. ତଳେ ଦିଆଯାଇଥିବା ଚିତ୍ରରେ ବାମରୁ ଡାହାଣକୁ ମିଶାଇ ଡାହାଣରୁ ବାମକୁ, ତଳୁ ଉପରକୁ କିମ୍ବା ଉପରୁ ତଳକୁ ଏବଂ କୋଣରୁ କୋଣକୁ ମିଶାଇ ମିଶାଣ ଫଳ ଲେଖ ।



| | | |
|---|---|---|
| ୮ | ୧ | ୬ |
| ୩ | ୫ | ୭ |
| ୪ | ୯ | ୨ |



୨୪. ମନେ ମନେ ହିସାବ କରି କୁହ ଓ ପରେ ଡାହାଣ ପାଖ ଖାଲି କୋଠରିରେ ଉତ୍ତର ଲେଖ ।

(କ) ତୁମ ପାଖରେ ୧୧ଟି ଖାତା ଥିଲା । ବାପା ତୁମ ପାଇଁ ଆଉ ୫ଟି ଖାତା ଆଣିଲେ । ତୁମର କେତୋଟି ଖାତା ହେଲା ?

(ଖ) ରୋଜି ପାଖରେ ୧୪ଟି ନାଲି ପେନ୍‌ସିଲ୍ ଓ ୧୨ଟି କଳା ପେନ୍‌ସିଲ୍ ଥିଲା । ତା' ପାଖରେ ମୋଟ୍‌ରେ କେତୋଟି ପେନ୍‌ସିଲ୍ ଥିଲା ?

(ଗ) ଗୋଟିଏ ତୋଟାରେ ୨୨ଟି ଆମ୍ବଗଛ ଓ ୧୭ଟି ନଡ଼ିଆଗଛ ରହିଛି । ତୋଟାରେ ମୋଟ୍‌ରେ କେତେ ଗଛ ରହିଛି ?

(ଘ) ଗୋଟିଏ ଆଲମିରାରେ ୧୨ଟି ନାଲି ଶାଢ଼ୀ, ୧୧ଟି କଳା ଶାଢ଼ୀ ଓ ୪ଟି ଧଳାରଙ୍ଗର ଶାଢ଼ୀ ରହିଛି । ତେବେ ସେଥିରେ ମୋଟ୍‌ରେ କେତୋଟି ଶାଢ଼ୀ ରହିଛି ?

(ଙ) ଗୋଟିଏ ବସ୍‌ରେ ୨୧ ଜଣ ପୁରୁଷ, ୧୩ ଜଣ ସ୍ତ୍ରୀ ଏବଂ ୧୨ ଜଣ ଶିଶୁ ଥିଲେ । ତେବେ ସେଥିରେ ମୋଟ୍‌ରେ କେତେ ଲୋକ ଥିଲେ ?


(ଚ) ମୁନାର ବୟସ ୨୪ ବର୍ଷ । ଲୁନା ତା' ଠାରୁ ୫ ବର୍ଷ ବଡ଼ । ତେବେ ଲୁନାର ବୟସ କେତେ ?

(ଛ) ଗୋଟିଏ ଶ୍ରେଣୀରେ ବାଳକ ୧୭ ଜଣ ଓ ବାଳିକା ୧୫ ଜଣ । ତେବେ ସେ ଶ୍ରେଣୀର ମୋଟ୍ ପିଲା ସଂଖ୍ୟା କେତେ ?





# ଫେଡ଼ାଣ କରିବା



ପାଣି ପିଇବା ଆଶାରେ କାଉ,ଗୋଟିଏ ଗୋଟିଏ ଗୋଡ଼ି ନେଇ ମାଠିଆରେ ପକାଉଥିଲା । ତା'ର ନଜର ପଡ଼ିଲା ଏକ ମୁଣା ଉପରେ । ସେ ଭାବିଲା, ଗୋଟିଏ ଗୋଟିଏ ଗୋଡ଼ି ନେଇ ମାଠିଆରେ ପକାଇଲେ ଡେରି ହେବ । ମୁଣାରେ ଅଧିକ ଗୋଡ଼ି ନେଇ ପକାଇଲେ ପାଣି ଶୀଘ୍ର ଉପରକୁ ଉଠି ଆସିବ । ଆଉ ଡେରି ନ କରି ଏକାଥରକେ ୧୭ଟି ଗୋଡ଼ି ନେଇ ମାଠିଆ ମୁହଁରେ ତରତର ହୋଇ ଢାଳି ଦେଲା । ମୁଣାର ସବୁ ଗୋଡ଼ି ମାଠିଆ ଭିତରେ ନ ପଡ଼ି ୫ଟି ଗୋଡ଼ି ବାହାରେ ପଡ଼ିଲା । କାଉ ବହୁତ ମନ ଦୁଃଖ କଲା ।



କେତୋଟି ଗୋଡ଼ି ମାଠିଆ ଭିତରେ ପଡ଼ିଲା ? – ସେ ଟିକେ ଭାବିଲା । ପେଚା ଏସବୁ ଦେଖୁଥିଲା । ସେ ଭାବିଲା– ବୋକା କାଉ ଫେଡ଼ାଣ କଲେ ଜାଣିପାରିବ ।

ଏବେ ତମେ କହ–
- କାଉ ମୁଣାରେ କେତୋଟି ଗୋଡ଼ି ଆଣିଥିଲା ?
- କେତୋଟି ଗୋଡ଼ି ମାଠିଆ ବାହାରେ ପଡ଼ିଲା ?
- କେତୋଟି ଗୋଡ଼ି ମାଠିଆ ଭିତରେ ପଡ଼ିଲା ?

**ଶିକ୍ଷକଙ୍କ ପାଇଁ ସୂଚନା :** ଏହି ପ୍ରଶ୍ନଗୁଡ଼ିକ ପଚାରି ଆଲୋଚନା କରିବା ସମୟରେ ପ୍ରକୃତ ଗୋଡ଼ି ଆଣି ଫେଡ଼ାଣ କିପରି କରାଯାଏ, ତାହା ବୁଝାଇବେ ।

ଆସ ଦେଖିବା, କିପରି ମାଠିଆ ଭିତରେ ପଡ଼ିଥିବା ଗୋଡ଼ି ସଂଖ୍ୟା ଜଣାପଡ଼ିବ ।



ମୁଣାରେ ଗୋଡ଼ି ଥିଲା ୧୭ ଟି = ୧ ଦଶ ୭ ଏକ

ମାଠିଆ ବାହାରେ ଗୋଡ଼ି ପଡ଼ିଲା ୫ ଟି = ୫ ଏକ

**ପ୍ରଥମ ସୋପାନ – (ଏକକ ଘର ଅଙ୍କର ଫେଡ଼ାଣ)**

୧୭ ର ଏକକ ଘରେ ୭ ଅଙ୍କ ଅଛି ।

ଫେଡ଼ାଯାଉଥିବା ସଂଖ୍ୟାର ଏକକ ଘରେ ୫ ଅଙ୍କ ଅଛି ।

ତେଣୁ ୭ ଏକରୁ ୫ ଏକ ଗଲେ ବଳିବ ୨ ଏକ ।

| ଦଶକ | ଏକକ |
|---|---|
| ୧ | ୭ |
| – | ୫ |
| | ୨ |

**ଦ୍ୱିତୀୟ ସୋପାନ– (ଦଶକ ଘର ଅଙ୍କର ବିୟୋଗ)**

ସେହିଭଳି– ୧୭ର ଦଶକ ଘରେ ୧ ଅଙ୍କ ଅଛି
୫ର ଦଶକ ଘରେ କିଛି ନାହିଁ

ତେଣୁ ୧୫ର ଦଶକ ଘରେ ଥିବା ଅଙ୍କରୁ କିଛି ଫେଡ଼ା ଗଲା ନାହିଁ ।
ଦଶକ ଘର ଫେଡ଼ାଣ ଫଳ ହେଲା– ୧
ଶେଷରେ ଫେଡ଼ାଣ ଫଳ ପାଇଲେ = ୧ ଦଶ ୨ ଏକ ବା ୧୨

| ଦଶକ | ଏକକ |
|---|---|
| ୧ | ୭ |
| – | ୫ |
| ୧ | ୨ |

● ତୁମ ମାଆ ବାଡ଼ି ଗଛରୁ କିଛି ଆମ୍ବ ତୋଳି ରଖିଥିଲେ। ଦିନେ ଦେଖିବା ବେଳକୁ ସେଥିରୁ ୧୫ଟି ଆମ୍ବ ପଚି ନଷ୍ଟ ହୋଇଯାଇଛି। ତେବେ କେତୋଟି ଆମ୍ବ ଭଲ ଅଛି ?





| | | | | | | | |
|---|---|---|---|---|---|---|---|
| ମାଆ ରଖିଥିବା ଆମ୍ବ ସଂଖ୍ୟା | = | | = | | ଦଶ | | ଏକ |
| ପଚି ନଷ୍ଟ ହୋଇଯିବା ଆମ୍ବ ସଂଖ୍ୟା | = | | = | | ଦଶ | | ଏକ |
| ଭଲ ଆମ୍ବ ସଂଖ୍ୟା | = | | = | | ଦଶ | | ଏକ |

ଆମେ ଜାଣିଲେ, ଫେଡ଼ାଣ କଲାବେଳେ ପ୍ରଥମେ ଏକକ ଘର ଅଙ୍କମାନଙ୍କର ଫେଡ଼ାଣ କରାଯାଏ, ତା' ପରେ ଦଶକ ଘରେ ଥିବା ଅଙ୍କର ଫେଡ଼ାଣ କରାଯାଏ।

**ଶିକ୍ଷକଙ୍କ ପାଇଁ ସୂଚନା:** ଏହିପରି ଅଧିକ ଉଦାହରଣ ଦେଇ ଫେଡ଼ାଣ କାର୍ଯ୍ୟର ଅଭ୍ୟାସ କରାଇବେ । ଅଧିକ ଅଭ୍ୟାସ କରିବା ପରେ ମନେ ମନେ ହିସାବ କରି ଫେଡ଼ାଣ କରିବା ଦକ୍ଷତାର ବିକାଶ ହେବ ।

ଜଣେ ବୁଢ଼ୀ ମାଉସୀ ଟୋକେଇରେ ୩୨ଟି କଦଳୀ ଧରି ହାଟରୁ ଘରକୁ ଫେରୁଥିଲା। ଖରାରେ ତାକୁ ହାଲିଆ ଲାଗିବାରୁ ଟୋକେଇକୁ ରଖି ଗଛମୂଳରେ ବିଶ୍ରାମ ନେଲା। ବସୁବସୁ ତାକୁ ନିଦ ଆସିଗଲା। ଏତିକି ବେଳେ ମାଙ୍କଡ଼ଟିଏ ଆସି ଟୋକେଇରୁ କଦଳୀ ଖାଇବାକୁ ମନକଲା। ଖସ୍‌ଖସ୍ ଶବ୍ଦରେ ବୁଢ଼ୀର ନିଦ



ଭାଙ୍ଗିଗଲା । ଏହା ଦେଖି ମାଙ୍କଡ଼ ୧୫ଟି କଦଳୀଥିବା ଏକ ଫେଣା ଧରି ଗଛକୁ ଡିଆଁ ମାରିଲା । ତେବେ କହିଲ, ବୁଢ଼ୀ ମାଉସୀ କେତୋଟି କଦଳୀ ଧରି ଘରକୁ ଫେରୁଥିଲା ?

ଟୋକେଇରେ ଥିବା କଦଳୀ ସଂଖ୍ୟା = ୩୨



ମାଙ୍କଡ଼ ନେଇଥିବା କଦଳୀ ସଂଖ୍ୟା = ୧୫



୩୨ ର ଏକକ ଘର ଅଙ୍କଟି କେତେ ? ______

୧୫ର ଏକକ ଘର ଅଙ୍କଟି କେତେ ? ______

୨ ଏକରୁ ୫ ଏକ ଫେଡ଼ାଣ କରି ହେବ ନାହିଁ । ତେବେ କ'ଣ କରିବା ?

ଦଶକ ଘରୁ ୧ ଦଶ ଧାର ଆଣିବା ଓ ଏକକ ଘର ଅଙ୍କରେ ମିଶାଇ ଦେବା ।

୧ ଦଶ ଓ ୨ ଏକ = ୧୦ ଏକ ଓ ୨ ଏକ = ______ ଏକ

ଏବେ ୧୨ ଏକରୁ ୫ ଏକ ବିୟୋଗ କଲେ = ୧୨ ଏକ - ୫ ଏକ = ______ ଏକ

୩୨ର ଦଶକ ଘରେ ଥିବା ୩ ଦଶରୁ ପୂର୍ବରୁ ୧ ଦଶକୁ ଏକକ ଘରକୁ ନିଆଯାଇଥିଲା, ତେଣୁ ସେଠାରେ ବଳକା ଥିଲା ୨ ଦଶ । ୨ଦଶରୁ ୧ ଦଶ ଫେଡ଼ିଲେ = ୨ ଦଶ - ୧ଦଶ = ______ ଦଶ

ଏହାକୁ କିପରି ଲେଖିବା ?

| ଦଶକ | ଏକକ |
|---|---|
| ୩ | ୨ |
| - ୧ | ୫ |
| | |

| ଦଶକ | ଏକକ |
|---|---|
| (୨) | ୧୦ |
| ~~୩~~ | ୨ |
| - ୧ | ୫ |
| | ୭ |

| ଦଶକ | ଏକକ |
|---|---|
| (୨) | (୧୨) |
| ~~୩~~ | ~~୨~~ |
| - ୧ | ୫ |
| = ୧ | ୭ |
| = ୧୭ | |

**ଉଦାହରଣ–** ଆୟେଶା ତୁମ ପରି ଦ୍ୱିତୀୟ ଶ୍ରେଣୀରେ ପାଠ ପଢେ। ଥରେ ବାପା ପଚାରିଲେ, "ତୁମ ଶ୍ରେଣୀରେ କେତେ ଜଣ ବାଳକ ଅଛନ୍ତି ?" ସେ ଶ୍ରେଣୀର ମୋଟ୍ ୪୫ ଜଣ ପିଲାଙ୍କ ମଧ୍ୟରୁ ୩୨ ଜଣ ବାଳିକା ।



**ସମାଧାନ :** ଶ୍ରେଣୀର ମୋଟ ପିଲା ସଂଖ୍ୟା = ☐ ଜଣ = ☐ ଦଶ ☐ ଏକ

ବାଳିକାଙ୍କ ସଂଖ୍ୟା = − ☐ ଜଣ = ☐ ଦଶ ☐ ଏକ

ବାଳକଙ୍କ ସଂଖ୍ୟା = ☐ ଜଣ = ☐ ଦଶ ☐ ଏକ

∴ ସେହି ଶ୍ରେଣୀରେ ବାଳକଙ୍କ ସଂଖ୍ୟା ହେଉଛି ——— ।

## ଅଭ୍ୟାସ କାର୍ଯ୍ୟ

୧. ଫେଡ଼ାଣଫଳ ଖାଲି ସ୍ଥାନରେ ଲେଖ ।

(କ) ୧୪ −୨ ____

(ଖ) ୧୭ −୪ ____

(ଗ) ୨୬ −୫ ____

(ଘ) ୩୮ −୬ ____

(ଙ) ୫୪ −୪ ____

(ଚ) ୮୯ −୭ ____

୨. ଖାଲି ସ୍ଥାନରେ ଉତ୍ତର ଲେଖ ।

(କ) ୧୪ − ୧୨ ____

(ଖ) ୧୯ − ୧୩ ____

(ଗ) ୨୭ − ୧୭ ____

୩. ବିୟୋଗ କରି ଉତ୍ତର ଲେଖ ।

| | | |
|---|---|---|
| (କ) ୧୧<br>− ୭<br>______<br>______ | (ଖ) ୧୬<br>− ୯<br>______<br>______ | (ଗ) ୨୭<br>− ୧୯<br>______<br>______ |
| (ଘ) ୩୫<br>− ୧୮<br>______<br>______ | (ଙ) ୫୦<br>− ୧୫<br>______<br>______ | (ଚ) ୭୨<br>− ୩୩<br>______<br>______ |

୪. ଖାଲି ସ୍ଥାନ ପୂରଣ କର ।

(କ) ୨୦, ୧୮, ୧୬, ୧୪, ୧୨, ______, ______,

(ଖ) ୨୪, ୨୧, ୧୮, ୧୫, ୧୨, ______, ______,

(ଗ) ୪୫, ୪୦, ୩୫, ______, ______, ______,

(ଘ) ୮୦, ୭୦, ୬୦, ______, ______, ______,

୫. କଲମ ସହିତ ଠିକ୍ କ୍ୟାପ୍‌ଟି ଯୋଗ କର ।

'କ' ସ୍ତମ୍ଭ





"ଖ' ସ୍ତମ୍ଭ



୬.   କେଉଁ ବ୍ୟାଟ୍‌ର କେଉଁ ବଲ୍ ।

| ବ୍ୟାଟ୍ | ବଲ୍ |
|---|---|
| ୯୨-୩୫ | ୫୨ |
| ୯୫-୬୮ | ୧୫ |
| ୮୧-୨୯ | ୫୭ |
| ୬୦-୪୫ | ୪୯ |
| ୮୫-୩୬ | ୨୭ |

୭.   ଦିନେ କ୍ରିକେଟ୍ ଖେଳରେ ହରିଣ, ଠେକୁଆ, ଜିରାଫ, ବିଲୁଆ ଓ ମାଙ୍କଡ଼ ଖେଳୁଥିଲେ । ଦୁଇଟି ଇନିଂସ୍‌ରେ ପ୍ରତ୍ୟେକ କରିଥିବା ରନ୍‌କୁ କାର୍ଡ଼ରେ ଲେଖାଯାଇଥିଲା । ମାଙ୍କଡ଼ ଖେଳରେ ହାରିଗଲା । ସେ ଖୁବ୍ ଜୋର୍‌ରେ ରାଗିଗଲା । ରାଗରେ କିଛି ସ୍ଥାନକୁ ଘଷି ଲିଭାଇ ଦେଲା । ଆସ, ସେଠାରେ କ'ଣ ଲେଖାଥିଲା ଲେଖିଦେବା ।



୮. ଦେଖାଇ ଦିଆଯାଇଥିବା ପରି ଖାଲି ଘରଗୁଡ଼ିକ ପୂରଣ କର ।

| - | ୫୮ | ୪୧ | ୭୭ | ୩୨ | ୪୦ | ୬୭ | ୭୪ |
|---|---|---|---|---|---|---|---|
| ୭ | ୫୧ | | | | | | ୬୭ |
| ୬ | | ୩୫ | | | | | |
| ୮ | | | | | | | |
| ୯ | | | | | | | |
| ୫ | | | | | | | |
| ୩ | | | | | | | |
| ୪ | | | | | | | |

୯. କାହାର ଟୋପି କିଏ ଗାର ଟାଣି ଦେଖାଅ ।


୩୨-୧୪


୪୩-୨୮


୫୭-୧୯


୬୫-୩୭


୭୮-୨୯



୧୦. ଯେ କୌଣସି ଦୁଇଟି ଘରର ଅଙ୍କକୁ ନେଇ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ଗଠନ କର । ସବୁଠାରୁ ବଡ଼ ସଂଖ୍ୟାରୁ ସବୁଠାରୁ ସାନ ସଂଖ୍ୟାକୁ ଫେଡ଼ ।

| | |
|---|---|
| ୨ | ୩ |
| ୫ | ୬ |

୧୧. ଗୋଟିଏ ଗଛରେ ୪୫ଟି ନଡ଼ିଆ ଥିଲା । ୮ଟି ନଡ଼ିଆ ଝଡ଼ି ପଡ଼ିଲା । ସେ ଗଛରେ ଆଉ କେତୋଟି ନଡ଼ିଆ ରହିଲା ?



**ସମାଧାନ-** ଗଛରେ ଥିବା ନଡ଼ିଆ ସଂଖ୍ୟା = [୪୫]

ଝଡ଼ି ଥିବା ନଡ଼ିଆ ସଂଖ୍ୟା = [ ]

ଅବଶିଷ୍ଟ ଗଛରେ ଥିବା ନଡ଼ିଆ ସଂଖ୍ୟା = [ ] - [ ] = [ ]

∴ ସେ ଗଛରେ ଆଉ [ ] ଟି ନଡ଼ିଆ ରହିଲା ।

୧୨. ଗୋଟିଏ ଶ୍ରେଣୀରେ ୪୨ ଜଣ ପିଲା ପଢ଼ନ୍ତି । ବର୍ଷା ହେବାରୁ ୨୯ ଜଣ ପିଲା ଆସିଥିଲେ । ସେ ଦିନ କେତେ ପିଲା ବିଦ୍ୟାଳୟକୁ ଆସି ନ ଥିଲେ ?



**ସମାଧାନ-** ଶ୍ରେଣୀର ପିଲାସଂଖ୍ୟା = [ ]

ଆସିଥିବା ପିଲା ସଂଖ୍ୟା = [ ]

ଆସି ନ ଥିବା ପିଲା ସଂଖ୍ୟା = [ ] - [ ] = [ ]

∴ ସେଦିନ [ ] ଜଣ ପିଲା ବିଦ୍ୟାଳୟକୁ ଆସି ନ ଥିଲେ ।

୧୩. ମନେ ମନେ ହିସାବ କରି ଉତ୍ତର କହ ଓ ପରେ ଡାହାଣ ପାଖରେ ଲେଖ ।

(କ) ରାଧା ପାଖରେ ୧୫ଟି କୋଳି ଥିଲା । ରେଣୁ ସେଥିରୁ ୪ଟି କୋଳି ଖାଇଦେଲା । ରାଧା ପାଖରେ କେତୋଟି କୋଳି ରହିଲା ? ______

(ଖ) ତୁଳସୀର ବୟସ ୩୪ ବର୍ଷ । ମାଧବୀର ବୟସ ୩୯ ବର୍ଷ । ମାଧବୀ ତୁଳସୀ ଠାରୁ କେତେ ବର୍ଷ ବଡ଼ ? ______

(ଗ) ମାଆ ୧୪ଟି ପିଠା ତିଆରି କରିଥିଲେ । ତୁମେ ସେଥିରୁ ୬ଟି ପିଠା ଖାଇଦେଲ । ଆଉ କେତୋଟି ପିଠା ରହିଲା ? ______

(ଘ) ଜଣେ ମାଛବାଲା ପାଖରେ ୪୨ଟି ମାଛ ଥିଲା । ସେଥିରୁ କିଛି ମାଛ ବିକ୍ରି ହୋଇଗଲା । ଶେଷରେ ୨୫ଟି ମାଛ ରହିଲା । ତେବେ କେତୋଟି ମାଛ ବିକ୍ରି ହୋଇଥିଲା ? ______

(ଙ) ଗୋଟିଏ ବେଲୁନ୍‌ବାଲା ପାଖରେ ୩୩ଟି ବେଲୁନ୍ ଥିଲା । ସେଥିରୁ ୭ଟି ବେଲୁନ୍ ଫାଟିଗଲା । ଆଉ କେତୋଟି ଭଲ ବେଲୁନ୍ ରହିଲା ? ______

(ଚ) ଦୀପାବଳି ଦିନ ତୁମ ଘର ବାରଣ୍ଡାରେ ୪୭ଟି ମହମବତୀ ଜଳୁଥିଲା । ଶେଷରେ ଦେଖିବାରୁ ୨୫ଟି ବତୀ ଜଳୁଛି । ତେବେ କେତୋଟି ବତୀ ଲିଭିଯାଇଥିଲା ? ______

(ଛ) ଗୋଟିଏ ଅଣ୍ଡା ବିକାଳି ପାଖରେ ୨୦ଟି ଅଣ୍ଡା ଥିଲା । ସେଥିରୁ ୧୦ଟି ଅଣ୍ଡା ବିକ୍ରି ହୋଇଗଲା । କେତୋଟି ଅଣ୍ଡା ବଳକା ରହିଲା ? ______

**୧୪. ଯୋଗ ବା ବିୟୋଗ ମଧ୍ୟରୁ କେଉଁ କାମ କରିବାକୁ ପଡ଼ିବ ଲେଖ ।**

(କ) ଗୋଟିଏ ବସ୍‌ରେ କିଛି ଯାତ୍ରୀ ଥିଲେ । ସେମାନଙ୍କ ମଧ୍ୟରୁ କେତେକ ମହିଳା ଥିଲେ । ତେବେ କେତେ ଜଣ ପୁରୁଷ ଥିଲେ ? ______

(ଖ) ସରୋଜ ପାଖରେ କେତେ ଖଣ୍ଡ ବହି ଥିଲା । ମଦନ ପାଖରେ ତା' ଠାରୁ କିଛି ବହି ଅଧିକ ଥିଲା । ତେବେ ମଦନ ପାଖରେ କେତେ ଖଣ୍ଡ ବହି ଥିଲା ? ______

(ଗ) ରୂପା ପାଖରେ କିଛି ଚକୋଲେଟ୍ ଥିଲା । ତା' ଭାଇ ସେଥିରୁ କେତୋଟି ଖାଇଥିଲା । ତା' ପାଖରେ କେତୋଟି ଚକୋଲେଟ ରହିଲା ? ______

(ଘ) ପାଠାଗାରରେ କେତେକ ଗପ ବହି ଥିଲା । ପୁଣି ଆଉ କେତେଗୁଡ଼ିଏ ବହି କିଣାହୋଇ ଆସିଲା । ତେବେ ସେଠାରେ ମୋଟ୍‌ରେ କେତେ ବହି ହେଲା ? ______



**ଶିକ୍ଷକଙ୍କ ପାଇଁ ସୂଚନା:** ମୌଖିକ ପ୍ରଶ୍ନର ଉତ୍ତର ଦେବା ବେଳେ ପିଲାମାନେ ଖାତା ଓ ପେନ୍‌ସିଲ୍‌ର ସାହାଯ୍ୟ ନେବେ ନାହିଁ । ଉତ୍ତର ବାହାର କରିବା ପାଇଁ ସେମାନେ କ'ଣ କଲେ ତାହା ବୁଝାଇ ପାରୁଥିବେ ।






# ଶୂନ ଯୋଡ଼ିବା ଓ ଫେଡ଼ିବା



ସୋମୁ ଓ ଜିନା ମାଟି ଚକଟି ମାଟି ଗୋଲି ତିଆରି କଲେ। ପ୍ରତ୍ୟେକ ମାଟି ଗୋଲିର ମଝିରେ କାଠିରେ ଗୋଟିଏ କଣା କରିଦେଲେ। ମାଟି ଗୋଲିଗୁଡ଼ିକୁ ଖରାରେ ଶୁଖାଇ ଦେଲେ। ସେଗୁଡ଼ିକରେ ବିଭିନ୍ନ ରଙ୍ଗ ଦେବାରୁ ସୁନ୍ଦର ଦେଖାଗଲା।

ସୋମୁ ତିଆରି କରିଥିବା ମାଟି ଗୋଲିଗୁଡ଼ିକୁ ନେଇ ଗୋଟିଏ ମାଳ  ତିଆରି କଲା। ଜିନା କହିଲା - "ମାଟି ଗୋଲିଗୁଡ଼ିକୁ ନେଇ ଆମେ ଗୋଟିଏ ଖେଳ ଖେଳିବା।" ସେ ଖଣ୍ଡିଏ ସୋଲ ଓ ନଡ଼ିଆଖଡ଼ିକା ଆଣି ଗୋଟିଏ ଆବାକସ୍ ତିଆରି କଲା।





ସୋମୁ ଓ ଜିନା ଆବାକସ୍ ଓ ମାଟିଗୋଲିକୁ ନେଇ ସଂଖ୍ୟା ଖେଳ ଆରମ୍ଭ କରିଦେଲେ। ଜିନା ଗୋଟିଏ ଗୋଟିଏ ସଂଖ୍ୟା ଲେଖି ଦେଖାଇଲା। ସୋମୁ ତାକୁ ଆବାକସ୍‌ରେ ଦେଖାଇଲା।







- କେଉଁ ସଂଖ୍ୟାକାର୍ଡ଼ ସହିତ କେଉଁ ଆବାକସ୍ ମିଳିବ ଯୋଡ଼ ।

| ୨୩ | ୫୪ | ୪୦ | ୩୨ |
|---|---|---|---|




- ସୋମୁ ଓ ଜିନା ଆଉ ଗୋଟିଏ ନୂଆ ଖେଳ ଖେଳିଲେ ।
ସେମାନେ ତିଆରି କରିଥିବା ମାଟିଗୋଲିଗୁଡ଼ିକୁ ଦୁଇ ପ୍ରକାର ରଙ୍ଗ ଦେଲେ ।
ସୋମୁ କହିଲା, "ଏବେ ମୋର ପାଳି ।
ମୁଁ ସଂଖ୍ୟାକାର୍ଡ଼ ଦେଖାଇବି ।" ଜିନା ରାଜି ହେଲା ।







୬+୩=୯






୧୨+୨୪=୩୬






୩୫+୦= ୩୫



ମିଶାଣ କିପରି କରାଯିବ ଉଭୟ ଚିନ୍ତାରେ ପଡ଼ିଲେ । ଚୁଟ୍‌କି ସେହି ବାଟ ଦେଇ ଯାଉଥିଲା ।

ସେ ଜିନାକୁ କହିଲା- "ଶୂନ (୦) ର ଅର୍ଥ କିଛି ନାହିଁ । ୩୫ରେ ୦କୁ ମିଶାଇବା ଅର୍ଥ, ୩୫ରେ କିଛି ଯୋଗ କରାଯିବ ନାହିଁ ।"

ଖାଲିଘରେ ଉତ୍ତର ଲେଖ ।

୩୫+୦ = ______

- ତଳେ ଦିଆଯାଇଥିବା ସଂଖ୍ୟାଦୁଇଟିକୁ କିପରି ଯୋଗ କରାଯିବ, ଆବାକସ୍‌ରେ ଦେଖାଅ । ଆବାକସ୍ ତଳେ ଥିବା ଖାଲିଘରେ ଯୋଗଫଳ କେତେ ହେଲା ଲେଖ ।

୨୪+୦    ୩୨+୦    ୧୧+୦    ୩୦+୦



ଆମେ କ'ଣ ଜାଣିଲେ ?

> କୌଣସି ସଂଖ୍ୟାରେ '୦' ମିଶାଇଲେ, ଯୋଗଫଳ ସେହି ସଂଖ୍ୟା ହୋଇଥାଏ ।

## କ୍ରିକେଟ୍ ଖେଳର ମଜା-

ବଡ଼ଦିନ ପାଇଁ ବିଦ୍ୟାଳୟ ଛୁଟି । ପିଲାମାନେ ବାହାରିଲେ କ୍ରିକେଟ ଖେଳିବାକୁ । ଲାଗିଲାଗି ଦୁଇ ଦିନ ମ୍ୟାଚ । ଚୁଟ୍‌କି, ବିଲ୍ଲୁ, ଜର୍ଜ, ମିକି, ସିନି, ଲକି ଓ ବବ୍‌ଲୁ ପ୍ରଭୃତିଙ୍କ ହାତରେ ବ୍ୟାଟ୍ ଆଉ ବଲ୍ । ଦୁଇଦିନ ମ୍ୟାଚ ହେଲା । କିଏ କେତେ ରନ୍ ସଂଗ୍ରହ କଲେ ତାହା ହିସାବ କର ?


ଚୁଟ୍‌କି — ୨୫+୧୩= ☐


ସିନି — ୧୪+୭= ☐


ଜର୍ଜ — ୩୨+୦= ☐


ବିଲ୍ଲୁ — ୦+୩୭= ☐


ମିକି — ୨୦+୦= ☐


ବବ୍‌ଲୁ — ୩୬+୧୦= ☐


ଲକି — ୨୦+୩୦= ☐

ତୁମେ ହିସାବ କରି କହ, ଦୁଇ ଦିନରେ କିଏ ମୋଟ କେତେ ରନ୍ ସଂଗ୍ରହ କରିଛି ?

- କିଏ ସବୁଠାରୁ ଅଧିକ ରନ୍ କରିଛି ? ................................
- କିଏ ସବୁଠାରୁ କମ୍ ରନ୍ କରିଛି ? ................................

## ଲୁଡୁ ଖେଳ–

ଜିନା ଓ ସୋମୁ ଲୁଡୁ ଖେଳ ଆରମ୍ଭ କଲେ । ନିଜେ ଗୋଟିଏ ଡାଇସ୍ ନେଇ ତାହାର ଛଅ ପାଖରେ ୧, ୨, ୩, ୪, ୫, ୦ ଲେଖିଲେ ।














| | | | | | | | | | |
|---|---|---|---|---|---|---|---|---|---|
| ୧୦୦ | ୯୯ | ୯୮ | ୯୭ | ୯୬ | ୯୫ | ୯୪ | ୯୩ | ୯୨ | ୯୧ |
| ୮୧ | ୮୨ | ୮୩ | ୮୪ | ୮୫ | ୮୬ | ୮୭ | ୮୮ | ୮୯ | ୯୦ |
| ୮୦ | ୭୯ | ୭୮ | ୭୭ | ୭୬ | ୭୫ | ୭୪ | ୭୩ | ୭୨ | ୭୧ |
| ୬୧ | ୬୨ | ୬୩ | ୬୪ | ୬୫ | ୬୬ | ୬୭ | ୬୮ | ୬୯ | ୭୦ |
| ୬୦ | ୫୯ | ୫୮ | ୫୭ | ୫୬ | ୫୫ | ୫୪ | ୫୩ | ୫୨ | ୫୧ |
| ୪୧ | ୪୨ | ୪୩ | ୪୪ | ୪୫ | ୪୬ | ୪୭ | ୪୮ | ୪୯ | ୫୦ |
| ୪୦ | ୩୯ | ୩୮ | ୩୭ | ୩୬ | ୩୫ | ୩୪ | ୩୩ | ୩୨ | ୩୧ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୨୦ | ୧୯ | ୧୮ | ୧୭ | ୧୬ | ୧୫ | ୧୪ | ୧୩ | ୧୨ | ୧୧ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |

- ଦୁଇ ଜଣଙ୍କର ଦାନା ୧୦୦ ଉପରେ ରହିଲା ।
- ଡାଇସ୍‌ରେ ଯେଉଁ ସଂଖ୍ୟା ପଡ଼ିବ ଦାନା ସେତିକି ପଛକୁ ଯିବ ।
- ଯିଏ ପ୍ରଥମେ ଯାଇ ୧ ରେ ପହଞ୍ଚିବ ସେ ବିଜୟୀ ହେବ ।



ତୁମେ ଏହି ଖେଳକୁ ତୁମ ସାଙ୍ଗ ସହିତ ଖେଳ।

ପ୍ରତ୍ୟେକ ଥର ଡାଇସ୍‌ର କେଉଁ ସଂଖ୍ୟା ପଡ଼ିଲା ଓ ତୁମେ କେଉଁ ସଂଖ୍ୟାରେ ପହଞ୍ଚିଲ ତଳେ ଲେଖ।

ଡାଇସ୍‌ରେ ଶୂନ ସଂଖ୍ୟା ପଡ଼ିଲେ ଦାନାଟି କାହିଁକି ପଛକୁ ଆସୁନାହିଁ କହ ।

- ତଳେ ଦିଆଯାଇଥିବା ଉଦାହରଣଗୁଡ଼ିକୁ ଦେଖ। କାହା ପାଇଁ ଯୋଗ ଓ କାହା ପାଇଁ ବିୟୋଗ ପ୍ରକ୍ରିୟା ବ୍ୟବହାର କରାଯିବ କହ।



ଲକ୍ଷ୍ୟ କର, ପ୍ରଥମ ପ୍ଲେଟ୍‌ରେ ୪ଟି ଲଡୁ ଅଛି, ଦ୍ୱିତୀୟ ପ୍ଲେଟ୍‌ରେ ୩ଟି ଲଡୁ ଅଛି। ଦୁଇଟିଯାକ ପ୍ଲେଟ୍‌ରେ ମୋଟ୍ କେତୋଟି ଲଡୁ ଅଛି ?

ଦୁଇଟି ପ୍ଲେଟ୍‌ରେ ମୋଟ୍ ୪ + ୩ = ୭ଟି ଲଡୁ ଅଛି।

୧ମ ପ୍ଲେଟ୍‌ରେ ୨ୟ ପ୍ଲେଟ୍ ଠାରୁ କେତୋଟି ଅଧିକ ଲଡୁ ଅଛି ?

୪ - ୩ = ☐ ଟି ଲଡୁ।

- ତଳେ ଦିଆଯାଇଥିବା ମିଶାଣ ଓ ଫେଡ଼ାଣ କ୍ରିୟାକୁ ନେଇ ଗୋଟିଏ ଗୋଟିଏ ବାସ୍ତବ ଘଟଣାର ଉଦାହରଣ ଦିଅ।

୪ + ୨ = ୬     ୫ - ୩ = ୨     ୫ - ୫ = ୦

● ତଳେ ଦିଆଯାଇଥିବା ଚିତ୍ରକୁ ଦେଖ । ଏହି ଚିତ୍ରକୁ ଲକ୍ଷ୍ୟକରି ମିଶାଣ ବା ଫେଡ଼ାଣ କଥା ଥାଇ ଦିଆଯାଇଥିବା ଗପଟିକୁ ପଢ଼ ।



ଥରେ ଜଣେ ଟୋପିବିକାଳି ଥକି, ଗଛମୂଳରେ ବସିପଡ଼ିଲା । ତାକୁ ନିଦ ଲାଗିଗଲା । ଗଛ ଉପରେ ଥିବା ମାଙ୍କଡ଼ମାନେ ଟୋପି ବିକାଳିର ବ୍ୟାଗ୍ ଖୋଲି ଟୋପି କାଢ଼ି ନେଲେ । ମାଙ୍କଡ଼ମାନଙ୍କ ପାଖରେ ୧୪ଟି ଟୋପି ଥିଲା । ଗଛ ମୂଳେ ୬ଟି ଟୋପି ପଡ଼ିଥିଲା । ଟୋପି ବିକାଳିର ନିଦ ଭାଙ୍ଗିଗଲା । ଦେଖିଲା, ମାଙ୍କଡ଼ମାନେ କେତେଗୁଡ଼ିକ ଟୋପି ନେଇ ଯାଇଛନ୍ତି । ତା' ପରେ .........

ତୁମେ ଏହି ଗପଟିକୁ ଆଗକୁ ବଢାଅ ।

ଏହି ଗପକୁ ନେଇ ଆମେ ମିଶାଣ ଓ ଫେଡାଣ ସମ୍ବନ୍ଧୀୟ ନିମ୍ନଲିଖିତ କଥାଗୁଡିକ କହିପାରିବା ।

- ବ୍ୟାଗ୍‌ରେ ମୋଟ ୨୦ଟି ଟୋପି ଥିଲା । ମାଙ୍କଡ଼ମାନେ ୧୪ଟି ଟୋପି ନେଇଗଲେ । ଅନ୍ୟ ଟୋପିଗୁଡ଼ିକୁ ମାଙ୍କଡ଼ମାନେ ବାହାରକୁ ଫୋପାଡ଼ି ଦେଲେ । କେତୋଟି ଟୋପିକୁ ମାଙ୍କଡ଼ମାନେ ଫୋପାଡ଼ି ଦେଲେ ?
- ମାଙ୍କଡ଼ମାନେ ନେଇଥିବା ଟୋପିର ସଂଖ୍ୟା, ଫୋପାଡ଼ିଥିବା ଟୋପିର ସଂଖ୍ୟାଠାରୁ କେତେ ଅଧିକ ?
- ମାଙ୍କଡ଼ମାନଙ୍କ ପାଖରେ ୧୪ଟି ଟୋପି ଅଛି । ତଳେ ୬ଟି ଟୋପି ପଡ଼ିଛି । ମୋଟ କେତୋଟି ଟୋପି ଥିଲା ?

ଚିତ୍ରକୁ ଦେଖି ଉପରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

- ଏବେ ତଳେ ଦିଆଯାଇଥିବା ଚିତ୍ରକୁ ଦେଖ । ଚିତ୍ରକୁ ଲକ୍ଷ୍ୟକରି ଗପଟିଏ ଭାବ । ତୁମେ ଭାବିଥିବା ଗପଟିକୁ ଶ୍ରେଣୀରେ କହ ।



ଏହି ଚିତ୍ରକୁ ନେଇ ମିଶାଣ ଓ ଫେଡ଼ାଣ ସମ୍ବନ୍ଧୀୟ କେତେଗୁଡ଼ିଏ ପ୍ରଶ୍ନ ତିଆରି କରି ତୁମ ସାଙ୍ଗଙ୍କୁ ପଚାର ।

..........................................................................................

..........................................................................................

..........................................................................................

- ମଣ୍ଟୁ ଓ ପିଣ୍ଟୁ ବଜାରକୁ ଗଲେ । ଦୁହେଁ ମା'ଙ୍କ ପାଖରୁ ଟଙ୍କା ମାଗିନେଲେ ।

ମଣ୍ଟୁକୁ ମା'  ଦେଲେ । ପିଣ୍ଟୁକୁ ମା'  ଦେଲେ ।

ଉପର ଚିତ୍ର ଦେଖି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

- ମଣ୍ଟୁ ପାଖରେ କେତେ ଟଙ୍କା ଅଛି ? ..........................................................
- ପିଣ୍ଟୁ ପାଖରେ କେତେ ଟଙ୍କା ଅଛି ? ..........................................................

ଲକ୍ଷ୍ୟ କର, ମଣ୍ଟୁ ପାଖରେ ତିନୋଟି ଦଶଟଙ୍କିଆ ନୋଟ୍ ଅଛି ।



୧୦ ଟଙ୍କା + ୧୦ ଟଙ୍କା + ୧୦ ଟଙ୍କା = ୩୦ ଟଙ୍କା

- ପିଣ୍ଟୁ ପାଖରେ କେତେ ଟଙ୍କା ଅଛି ହିସାବ କରି ଲେଖ । ________
- କାହା ପାଖରେ ଅଧିକ ଟଙ୍କା ଅଛି ? ________
- ମଣ୍ଟୁ ପାଖରେ ପିଣ୍ଟୁ ଠାରୁ କେତେ ଟଙ୍କା ଅଧିକ ଅଛି ? ________
- ଦୁଇଜଣଙ୍କ ପାଖରେ ମୋଟ୍ କେତେ ଟଙ୍କା ଅଛି ? ________




୧. ତଳେ ଲେଖାଥିବା ସଂଖ୍ୟାକୁ ଆବାକସ୍‌ରେ ଗୋଲ କରି ଦେଖାଅ ।



| ୨୫ | ୩୦ | ୭ | ୪୪ |
|---|---|---|---|

୨.   ଖାଲି ଘରେ ଉତ୍ତର ଲେଖ ।

(କ)  +  = [  ] ଟଙ୍କା

(ଖ)  +  = [  ] ଟଙ୍କା

(ଗ)  +  = [  ] ଟଙ୍କା

୩.   କେଉଁ ପ୍ରଶ୍ନଟି ପାଇଁ କେଉଁ ଉତ୍ତର ହେବ ତୀର ଚିହ୍ନ ଦେଇ ଚିହ୍ନାଅ ।

| | |
|---|---|
| ମହେଶ ପାଖରେ ୫ଟି ଚକୋଲେଟ୍ ଅଛି । ରୀତା ପାଖରେ ତା' ଠାରୁ ୩ଟି ଅଧିକ ଚକୋଲେଟ୍ ଅଛି । ରୀତା ପାଖରେ କେତୋଟି ଚକୋଲେଟ୍ ଅଛି ? | ୫ - ୩ = ୨ |
| ମହେଶ ପାଖରେ ୫ଟି ଚକୋଲେଟ୍ ଅଛି । ରୀତା ପାଖରେ ୩ଟି ଚକୋଲେଟ୍ ଅଛି । ମହେଶ ପାଖରେ ରୀତା ଠାରୁ କେତୋଟି ଅଧିକ ଚକୋଲେଟ୍ ଅଛି ? | ୮ - ୩ = ୫ |
| ରୀତା ପାଖରେ ୮ଟି ଚକୋଲେଟ୍ ଅଛି । ମହେଶ ପାଖରେ ୩ଟି ଚକୋଲେଟ୍ ଅଛି । ମହେଶ ପାଖରେ ରୀତାଠାରୁ କେତୋଟି ଚକୋଲେଟ୍ କମ୍ ଅଛି ? | ୮ - ୫ = ୩ |
| ମହେଶ ପାଖରେ ୫ଟି ଚକୋଲେଟ୍ ଅଛି । ରୀତା ପାଖରେ ୮ଟି ଚକୋଲେଟ୍ ଅଛି ।ମହେଶ ଆଉ କେତୋଟି ଚକୋଲେଟ୍ ପାଇଲେ ରୀତା ସହ ସମାନ ହେବ ? | ୫ + ୩ = ୮ |

୪.   ତଳେ ଜିନିଷଗୁଡ଼ିକର ଦାମ୍ ଦିଆଯାଇଛି । ଏହାକୁ ଦେଖି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।



୨୫ଟଙ୍କା



୩୦ଟଙ୍କା



୧୦ଟଙ୍କା



୪୦ଟଙ୍କା

(କ)   କଲମ ଓ ରଙ୍ଗ ବାକ୍ସ କିଣିଲେ କେତେ ଟଙ୍କା ଦେବାକୁ ପଡ଼ିବ ? ___________

(ଖ)   ଚପଲ ଓ ଗପବହି କିଣିବା ପାଇଁ କେତେ ଟଙ୍କା ଦରକାର ? ___________


(ଗ)   ତୁମ ପାଖରେ ୪୦ଟଙ୍କା ଅଛି । ତୁମେ କେଉଁ ଦୁଇଟି ଜିନିଷ କିଣି ପାରିବ ? ___________

(ଘ)   ତୁମେ ରଙ୍ଗ ବାକ୍ସ କିଣି ଦୋକାନୀକୁ ୫୦ ଟଙ୍କା ଦେଲ ।
ସେ ତୁମକୁ କେତେ ଟଙ୍କା ଫେରାଇବ ? ___________



ପାଠ-୧୦

# ମିଶାଇବା ବଦଳରେ ଗୁଣିବା



ଗାନ୍ଧି ଜୟନ୍ତୀରେ ବିଦ୍ୟାଳୟରେ ସଭାର ଆୟୋଜନ କରାଗଲା । ସୁନ୍ଦରଭାବେ ସଜାଯାଇ ମହାତ୍ମା ଗାନ୍ଧିଙ୍କ ଫଟୋରେ ଫୁଲମାଳ ଦିଆଯାଇଥିଲା ।

ଉପର ଚିତ୍ର ଦେଖି ଲେଖ –

ମହାତ୍ମା ଗାନ୍ଧିଙ୍କୁ ଦିଆଯାଇଥିବା ହାରରେ ଫୁଲ ସଂଖ୍ୟା = ____________

୧ମ ଫୁଲଦାନୀରେ କେତୋଟି ଫୁଲ ? ____________

୨ୟ ଫୁଲଦାନୀରେ କେତୋଟି ଫୁଲ ? ____________

ଏଠାରେ ୯ଟି ଫୁଲରେ ଗୋଟିଏ ହାର । ୭ଟି ଫୁଲରେ ଗୋଟିଏ ଫୁଲଦାନୀ ସଜାଯାଇଛି ।

ଏକ ପ୍ରକାରର ଏକାଧିକ ଜିନିଷକୁ ନେଇ ଗୋଟିଏ ଗୋଟିଏ ଦଳ କରାଯାଏ ।

- ଦଳରେ ଥିବା ଚିତ୍ରଗୁଡ଼ିକୁ ଗଣ, ସମାନ ସଂଖ୍ୟକ ଚିତ୍ର ଥିବା ଦଳକୁ ଗାର ଦେଇ ଚିହ୍ନାଅ ।



- ପ୍ରଧାନଶିକ୍ଷକ ବଗିଚାକୁ ଯାଇ କହିଲେ, ଯେଉଁ ଶ୍ରେଣୀର ପିଲାଙ୍କର ଫୁଲଗଛ ସଂଖ୍ୟା ଅଧିକ ହେବ ସେମାନଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କାର ଦିଆଯିବ । ଦ୍ୱିତୀୟ ଶ୍ରେଣୀ ପିଲା ଯାଇ କେମିତି ଗଛ ହିସାବ କଲେ - ଦେଖ ।



ପ୍ରତି ଧାଡ଼ିର ଗଛ ସଂଖ୍ୟା = ୩ ଟି

ଧାଡ଼ି ସଂଖ୍ୟା = ୪

୪ଗୋଟି ୩କୁ ମିଶାଇଲେ ୩ +୩+୩+୩ କେତେ ହେବ ?

୩ + ୩ + ୩ + ୩ =

୬ + ୩ + ୩ =

୯ + ୩ = ୧୨

ତେବେ ଫୁଲଗଛ ସଂଖ୍ୟା କେତେ ? ________

● ଖାଲିଘର ପୂରଣ କର ।



ପ୍ରତି ଧାଡ଼ିରେ ଥିବା ଗଛସଂଖ୍ୟା = ୪

ଧାଡ଼ି ସଂଖ୍ୟା = ୪

ମୋଟ୍ ଗଛ ସଂଖ୍ୟା = ୪ + ୪ + ୪ + ୪ = ______

ମୋଟ୍‌ରେ ______ ଗଛ ଅଛି ।



ପ୍ରତି ଧାଡ଼ିରେ ସୂର୍ଯ୍ୟମୁଖୀ ଫୁଲ ସଂଖ୍ୟା = ______

ଧାଡ଼ି ସଂଖ୍ୟା = ______

ମୋଟ୍ ଫୁଲ ସଂଖ୍ୟା = ☐ + ☐ + ☐ = ☐

**ଶିକ୍ଷକଙ୍କ ପାଇଁ ସୂଚନା :** ଗୋଟିଏ ସଂଖ୍ୟାର ବାରମ୍ବାର ମିଶାଣ କରିବା ପାଇଁ ଶିକ୍ଷକ ଅଧିକ ସୁଯୋଗ ସୃଷ୍ଟି କରିବେ । ସମ୍ଭବତଃ ବିଭିନ୍ନ ବସ୍ତୁ (ଗୋଡ଼ି, ଫଳ, ମଞ୍ଜି, କାଠି) ନେଇ ଏହି କାମ କରାଯିବ ।



ସ୍ୱାଧୀନତା ଦିବସ ପ୍ୟାରେଡ୍ ଶେଷ ହେଲା । ପ୍ରଧାନଶିକ୍ଷକ ଭାଷଣ ଦେବା ପରେ, ପ୍ରତି ଶ୍ରେଣୀର ମନିଟରଙ୍କୁ ନିଜ ନିଜର ଶ୍ରେଣୀର ପିଲା ସଂଖ୍ୟା ହିସାବ କରିବାକୁ କହିଲେ । ପିଲା ସଂଖ୍ୟାକୁ ଦେଖି ମିଠେଇ ଦିଆଯିବ ।

କିଏ କେମିତି, ପିଲା ସଂଖ୍ୟା ହିସାବ କଲେ ଦେଖ -



ପ୍ରଥମ ଶ୍ରେଣୀର ମନିଟର ହିସାବ କଲା –

ପ୍ରତି ଧାଡ଼ିର ପିଲା ସଂଖ୍ୟା = ୩

ଧାଡ଼ି ସଂଖ୍ୟା = ୩

ମୋଟ୍ ପିଲା ସଂଖ୍ୟା = ୩ + ୩ + ୩ = ୯

ମନିଟର କହିଲା ଆମେ ସମସ୍ତେ ମିଶି ୯ ଜଣ ।

ଦ୍ୱିତୀୟ ଶ୍ରେଣୀର ମନିଟର ହିସାବ କଲା –



ପ୍ରତି ଧାଡ଼ିର ପିଲା ସଂଖ୍ୟା = ୫

ଧାଡ଼ି ସଂଖ୍ୟା = ୩

ମୋଟ୍ ପିଲା ସଂଖ୍ୟା = ୫ + ୫ + ୫ = ୧୫

୩ଟି ୫ ର ଯୋଗଫଳ ଯାହା ୫ ର ୩ ଗୁଣ ତାହା ।

ତେଣୁ, ୫ ର ୩ ଗୁଣ = ୧୫



ତୃତୀୟ ଶ୍ରେଣୀର ମନିଟର ହିସାବ କଲା –

ପ୍ରତି ଧାଡ଼ିର ପିଲା ସଂଖ୍ୟା = ୬

ଧାଡ଼ି ସଂଖ୍ୟା = ୩

ମୋଟ୍ ପିଲା ସଂଖ୍ୟା = ୬ + ୬ + ୬ = ୧୮

ତୃତୀୟ ଶ୍ରେଣୀର ମୋଟ୍ ପିଲା ସଂଖ୍ୟା = ୬ ର ୩ ଗୁଣ = ୧୮

ଆମେ ଜାଣିଲେ,

୩+୩+୩ = ୩ ର ୩ ଗୁଣ = ୩ ×୩ = ୯

୫+୫+୫ = ୫ ର ୩ ଗୁଣ = ୫ ×୩ = ୧୫

୬+୬+୬ = ୬ ର ୩ ଗୁଣ = ୬ ×୩ = ୧୮

- ଏବେ କୁହ ଓ ଲେଖ,

୨ + ୨ + ୨ = ୨ × ☐ = ☐

୪ +୪+୪+୪+୪ = ୪ × ☐ = ☐

୫+୫+୫+୫ = ୫ × ☐ = ☐

୧୦+୧୦+୧୦+୧୦+୧୦+୧୦+୧୦ = ୧୦ × ☐ = ☐

| | | |
|---|---|---|
|  | ଗୋଟିଏ ୨ = ୨ | ୨ × ୧ = ୨ |
|  | ୨ ଟି ୨<br>୨+୨ = ୪ | ୨ × ୨ = ୪ |
|  | ୩ ଟି ୨ର ଯୋଗ<br>୨+୨+୨ = ୬ | ୨ × ୩ = ☐ |
|  | ୪ ଟି ୨ର ଯୋଗ<br>୨+ ୨+୨ + ୨ + =୮ | ୨ × ୪ = ☐ |
|  | ୫ ଟି ୨ର ଯୋଗ | ୨ × ୫ = ☐ |
|  | ୬ ଟି ୨ର ଯୋଗ | ୨ × ୫ = ☐ |
|  | ୭ ଟି ୨ର ଯୋଗ | ୨ × ୭ = ☐ |
|  | ୮ ଟି ୨ର ଯୋଗ | ୨ × ୮ = ☐ |
|  | ୯ ଟି ୨ର ଯୋଗ | ୨ × ୯ = ☐ |
|  | ୧୦ ଟି ୨ର ଯୋଗ | ୨ × ୧୦ = ☐ |

## '୨' ର ଗୁଣନ ସାରଣୀ

| | | କେମିତି ପଢ଼ିବା |
|---|---|---|
| ୨<br>'୨' ର ୧ ଗୁଣ ୨ | ୨<br>୧<br>୨ | ଦୁଇ କେ ଦୁଇ |
| ୨ + ୨ = ୪<br>୨ ର ୨ ଗୁଣ ୪ | ୪<br>୨<br>୨ | ଦୁଇ ଦୁଣେ ଚାରି |
| ୨ + ୨ + ୨ = ୬<br>୨ ର ୩ ଗୁଣ ୬ | ୬<br>୩<br>୨ | ଦୁଇ ତିରି ଛଅ |
| ୨+୨+୨+୨ = ୮<br>୨ ର ୪ ଗୁଣ ୮ | ୮<br>୪<br>୨ | ଦୁଇ ଚଉ ଆଠ |
| ୨ + ୨+୨+୨+୨ = ୧୦<br>୨ ର ୫ ଗୁଣ ୧୦ | ୧୦<br>୫<br>୨ | ଦୁଇ ପଞ୍ଚା ଦଶ |
| ୨ + ୨ + ୨+୨+୨+୨ = ୧୨<br>୨ ର ୬ ଗୁଣ ୧୨ | ୧୨<br>୬<br>୨ | ଦୁଇ ଷୋ ବାର |
| ୨+୨+୨+୨+୨+୨+୨ = ୧୪<br>୨ ର ୭ ଗୁଣ ୧୪ | ୧୪<br>୭<br>୨ | ଦୁଇ ସତା ଚଉଦ |
| ୨+୨+୨+୨+୨+୨+୨+୨ = ୧୬<br>୨ ର ୮ ଗୁଣ ୧୬ | ୧୬<br>୮<br>୨ | ଦୁଇ ଅଷ୍ଟା ଷୋହଳ |
| ୨+୨+୨+୨+୨+୨+୨+୨+୨ = ୧୮<br>୨ ର ୯ ଗୁଣ ୧୮ | ୧୮<br>୯<br>୨ | ଦୁଇ ନୁଆଁ ଅଠର |
| ୨+୨+୨+୨+୨+୨+୨+୨+୨+୨ = ୨୦<br>୨ ର ୧୦ ଗୁଣ ୨୦ | ୨୦<br>୧୦<br>୨ | ଦୁଇ ଦଶା କୋଡ଼ିଏ |

**ଏହାକୁ ଏପରି ଲେଖିବା :**

| | | | | | | | | | |
|---|---|---|---|---|---|---|---|---|---|
| ୨ | ୪ | ୬ | ୮ | ୧୦ | ୧୨ | ୧୪ | ୧୬ | ୧୮ | ୨୦ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୨ | ୨ | ୨ | ୨ | ୨ | ୨ | ୨ | ୨ | ୨ | ୨ |

ସେହିପରି '୩' ର ଗୁଣନ ଖନ୍ଦା ତିଆରି କର ।


| | | | | | | | | | |
|---|---|---|---|---|---|---|---|---|---|
| ୩ | ୬ | ୯ | | | | | | | |
| ୧ | ୨ | ୩ | ୪ | ୫ | | | | | |
| ୩ | ୩ | ୩ | ୩ | ୩ | ୩ | | | | |

**ଶିକ୍ଷକଙ୍କ ପାଇଁ ସୂଚନା :** ୨ଟି ଲେଖାଏଁ ଗୋଡ଼ି ୧୦ ଥର ନେଇ ୨ର ଗୁଣନଖନ୍ଦା କିପରି ବାହାରିବ ତାହା ପିଲାମାନେ କରିବେ । ସେହିଭଳି ବସ୍ତୁ ନେଇ ୩, ୪, ୫, ୧୦ର ଗୁଣନଖନ୍ଦା ବାହାର କରାଯିବ । ପିଲାମାନଙ୍କୁ ଗୁଣନଖନ୍ଦା ଘୋଷି ମନେ ରଖିବାକୁ ଉତ୍ସାହିତ କରାଯିବ ନାହିଁ ।

## ଅଭ୍ୟାସ କାର୍ଯ୍ୟ

୧. ଖାଲି ଘର ପୂରଣ କର -

(କ)




ଗୋଟିଏ ପେନ୍ଥାରେ ଚାବି ସଂଖ୍ୟା = ______

ପେନ୍ଥା ସଂଖ୍ୟା = ______

ମୋଟ୍ ଚାବି ସଂଖ୍ୟା = ____ × ____ = ____

(ଖ)




ଗୋଟିଏ କୁକୁରର ଗୋଡ଼ ସଂଖ୍ୟା = ______

କୁକୁର ସଂଖ୍ୟା = ______

୬ଟି କୁକୁରର ମୋଟ୍ ଗୋଡ଼ ସଂଖ୍ୟା = ____ × ____ = ____

(ଗ)



ଗୋଟିଏ ହାତର ଆଙ୍ଗୁଠି ସଂଖ୍ୟା = ______

ହାତ ସଂଖ୍ୟା = ______

ମୋଟ୍ ଆଙ୍ଗୁଠି ସଂଖ୍ୟା = ____ × ____ = ____

୨. ଖାଲି ଘର ପୂରଣ କର –

(କ)

| ଗୁଣନକ୍ରିୟା | ପ୍ରତ୍ୟେକ ଦଳରେ ଜିନିଷ ସଂଖ୍ୟା | ଦଳ ସଂଖ୍ୟା | ଜିନିଷର ଚିତ୍ର |
|---|---|---|---|
| ୨ x ୩ | ୨ | ୩ |  |
| ୩ x ୩ | | |  |
| ୪ x ୨ | | |  |
| ୫ x ୨ | | |  |
| ୮ x ୨ | | |  |

(ଖ) ଖାଲି ଘରେ ଉତ୍ତର ଲେଖ ।


| | |
|---|---|
| ୪ + ୪ + ୪ + ୪ + ୪ | ୪ x ୫ = ୨୦ |
| ୫ + ୫ + ୫ + ୫ + ୫ + ୫ | |
| ୩ + ୩ + ୩ + ୩ | |
| ୨ + ୨ + ୨ + ୨ + ୨ + ୨ + ୨ + ୨ + ୨ | |
| ୧୦ + ୧୦ + ୧୦ + ୧୦ + ୧୦ + ୧୦ + ୧୦ | |

(ଗ) ଖାଲି ଘର ପୂରଣ କର ।

| | |
|---|---|
| ୪ + ୪+୪ + ୪+୪ = ୨୦ | ୪×୫ = ୨୦ |
| ୫+୫+୫+୫ = ୨୦ | ................ |
| ୩+୩+୩+୩+୩+୩ = ☐ | ............... |

୩.   ଖାଲି ଘର ପୂରଣ କର

(କ)



୪ର _______ ଗୁଣ = ____ × ____ = ____

(ଖ)



୫ର _______ ଗୁଣ = ____ × ____ = ____

୪.   ଗୁଣନ କରି ଖାଲି ଘର ପୂରଣ କର ।


| × | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
|---|---|---|---|---|---|---|---|---|---|---|
| ୧ | ୧ | ୨ | ୩ | ୪ | ୫ | ୬ | | ୮ | | ୧୦ |
| ୨ | ୨ | ୪ | | | | | | | | |
| ୩ | | | | | | | | | | |
| ୪ | | | | | | | | | | |
| ୫ | | | | | | | | | | |
| ୧୦ | | | | | | | | | | |

ଏହିପରି ଏକ ସାରଣୀ ତିଆରି କରି ଶ୍ରେଣୀରେ ଟାଙ୍ଗ ।

୫. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

| | | |
|---|---|---|
| (କ) | ଗୋଟିଏ ରିକ୍ସାର ୩ଟି ଚକ,<br>୫ଟି ରିକ୍ସାର କେତୋଟି ଚକ ?<br> | ଗୋଟିଏ ରିକ୍ସାର ଚକ ସଂଖ୍ୟା = ୩<br>୫ଟି ରିକ୍ସାର ଚକ ସଂଖ୍ୟା = ୩ ର ୫ ଗୁଣ<br>୩×୫ = ୧୫<br>∴ ୫ଟି ରିକ୍ସାର ୧୫ ଟି ଚକ । |
| (ଖ) | ଗୋଟିଏ ବେଲୁନ୍‌ର ଦାମ ୪ ଟଙ୍କା ହେଲେ<br>୪ ଟି ବେଲୁନ୍‌ର ଦାମ୍ କେତେ ?<br> | |
| (ଗ) | ୩ ଜଣ ପିଲାଙ୍କର ଡାହାଣ ହାତର ମୋଟ୍<br>ଆଙ୍ଗୁଠି ସଂଖ୍ୟା କେତେ ?<br> | |
| (ଘ) | ୭ଟି କଙ୍କଡ଼ାର<br>କେତୋଟି ଗୋଡ଼ ?<br> | |
| (ଙ) | ତିନୋଟି ସାଇକେଲ୍ ଓ ଚାରୋଟି ରିକ୍ସାର<br>ମୋଟ୍ ଚକ ସଂଖ୍ୟା କେତେ ?<br><br> | |

୬. ଯେଉଁ ତାଲା ଯେଉଁ ଚାବିରେ ଖୋଲିବ, ଗାର ଦେଇ ଯୋଡ଼ ।




୭. କୁହ ଓ ଉତ୍ତର ଲେଖ ।

(କ) ଗୋଟିଏ ଗାଡ଼ିର ୪ ଚକ, ସେହିଭଳି ୨ ଟି ଗାଡ଼ିର କେତୋଟି ଚକ ? ______

(ଖ) ଗୋଟିଏ ହାତରେ ୫ ଟି ଆଙ୍ଗୁଠି, ୩ଟି ହାତରେ କେତୋଟି ଆଙ୍ଗୁଠି ? ______

(ଗ) ୪ର ୨ ଗୁଣ କେତେ ହେବ ? ______

(ଘ) ୧୦ର ୨ ଗୁଣ କେତେ ? ______

(ଙ) ୪ର ୧୦ ଗୁଣ କେତେ ? ______

**ଶିକ୍ଷକଙ୍କପାଇଁ ସୂଚନା :** ମନେ ମନେ ହିସାବ କରି କହିବା ପାଇଁ ୨, ୩, ୪, ୫ ଓ ୧୦ର ଗୁଣନଖାନା ସମ୍ପର୍କିତ ଅନେକ ପ୍ରଶ୍ନ ତିଆରି କରି ଶିକ୍ଷକ ଆଲୋଚନା କରିବେ । ଏଥିପାଇଁ ଶ୍ରେଣୀରେ କୁଇଜ୍ କାମ ମଧ୍ୟ କରାଯାଇପାରିବ ।

୮. ମୁଁ କିଏ କୁହ ?

(କ) ୨ ର ୮ ଗୁଣରୁ ବେଶୀ, ୩ ର ୬ ଗୁଣରୁ କମ୍ ? ______

(ଖ) ୫ର ୪ ଗୁଣରୁ କମ୍, ୩ର ୬ ଗୁଣରୁ ବେଶୀ ? ______


(ଗ) ୫ର ୬ ଗୁଣରୁ କମ୍, ୪ର ୭ ଗୁଣରୁ ବେଶୀ ? ______





# ସମାନ ଭାଗରେ ବାଣ୍ଟିବା


43DPAD



ଚିକୁ, ମିକୁ, ଟୁକୁ ତିନି ଠେକୁଆ,
ଲିଚୁ ଗଛ ମୂଳେ ହୋଇଲେ ଠିଆ ।
ତିନିଙ୍କୁ ତିନିହେଁ ମାରିଲେ ଡିଆଁ,
ପାଇଲେନି କୋଳି ହେଲେ ହାଲିଆ ।



ଚିକୁ, ମିକୁ ହାତ ଉପରେ ଚଢ଼ି,
କୋଳି ଡାଳେ ଲଗାଇଲା ଆଙ୍କୁଡ଼ି ।
ପାଖେ ଥିଲା ଟିକି ଠେକୁଆ ଟୁକୁ,
ମିକୁ କାଖେ କଲା କୁତୁରୁକୁତୁ ।



କୁତୁ କୁତୁ ଦାଉ କିଏ ସମ୍ଭାଳେ,
ହସି ହସି ମିକୁ ଗଡ଼ିଲା ତଳେ ।
ଦେଖି ମଜା ଟୁକୁ ମାରିଲା ତାଳି,
ଗଛ ଡାଳେ ଚିକୁ ଥିଲା ଓହଳି ।



ଭାଙ୍ଗି ଗଲା ଡାଳ ପଡିଲା ତଳେ,
ଆଃ ... କହି ଚିକୁ ଅଣ୍ଟା ସାଉଁଳେ ।

ସେହି  ଡାଳେ ଥିଲା ନଅଟି କୋଳି,
ବାଣ୍ଟି ଖାଇବାକୁ ଲାଗିଲେ କଳି ।
ବେଶୀ ମୁଁ ଖାଇବି କେ କହେ ଛଳେ,
ମୋ ଯୋଗୁ କୋଳି ପଡ଼ିଲା ତଳେ ।





ଶୁଣୁଥିଲା ସବୁ ମାଙ୍କଡ଼ ବସି,
ଏକାଡ଼ିଆଁକରେ ତଳକୁ ଆସି ।
ବସାଇଲା ତାଙ୍କୁ କାନକୁ ଧରି
ବାଣ୍ଟି ଦେଲା କୋଳି ସମାନ କରି ।



ଗୋଟିଏ ଗୋଟିଏ ସଭିଙ୍କୁ ଦେଲା,
ଆହୁରି ଦେବି ନ କର ଝାମେଲା ।

ପୁଣି ଗୋଟିଏ ଗୋଟିଏ ଦେଲା,
ଦୁଇ ଦୁଇ କୋଳି ଜଣକା ହେଲା ।



ଶେଷରେ ଗୋଟିଏ ଗୋଟିଏ ଦେଲା,
ଭାଗକେ ତିନୋଟି କୋଳି ପଡ଼ିଲା ।
ଦେଖି ମାଙ୍କଡ଼ର ବାଣ୍ଟିବା ନୀତି,
ତାଟକା ହେଲେ ଠେକୁଆ ତିନି ।




ମାଙ୍କଡ଼କୁ କଲେ ଗୁରୁ ତାଙ୍କର,
ପାଦ ତଳେ ତା'ର କଲେ ଜୁହାର ।
ଭଲ ଏହି ବାଟ ଜାଣିଲୁ ଆମେ,
ଭୁଲିବୁନି କେବେ ଲାଗିବ କାମେ ।



ଏବେ କହ ଓ ଲେଖ–


- କେତୋଟି ଠେକୁଆ କୋଳି ଖାଇବାକୁ ଯାଇଥିଲେ ? ____________
- ଗଛ ଡାଳରୁ କେତୋଟି କୋଳି ପଡ଼ିଲା ? ____________
- ଠେକୁଆଙ୍କ ମଧ୍ୟରେ କାହିଁକି କଳି ହେଲା ? ____________
- କିଏ ଠେକୁଆଙ୍କ କୋଳି ବାଣ୍ଟି ଦେଲା ? ____________
- ମାଙ୍କଡ଼ କିପରି କୋଳି ବାଣ୍ଟିଲା ? ____________
- ଆଗ କେତୋଟି ଲେଖାଁଏ କୋଳି ଦେଲା ? ____________
- ତା'ପରେ କେତୋଟି ଲେଖାଏଁ କୋଳି ଦେଲା ? ____________
- ଶେଷରେ କେତୋଟି ଲେଖାଁଏ କୋଳି ଦେଲା ? ____________
- ଜଣକେ କେତୋଟି ଲେଖାଁଏ କୋଳି ପାଇଲେ ? ____________

ମା' ଗୁଣ୍ଡୁଚି ଛୁଆମାନଙ୍କ ମଧ୍ୟରେ ଆମ୍ବ ବାଣ୍ଟୁଥିଲା ।



ମା' ଗୁଣ୍ଡୁଚି କେତୋଟି ଲେଖାଏଁ ଆମ୍ବ ଦେଇଛି ? ________________


ଆଉ କେତେଥର ଆମ୍ବ ଦେବ ? ________________






ଏହି ମାଛ ଦୁଇଟି କେଉଁ କେଉଁ ବିଲେଇ ଥାଳିରେ ଦିଆଯିବ ଗାର ଦେଇ ଚିହ୍ନାଅ ?

ବାଣ୍ଟିବା ଶେଷ ହେଲେ ଗୋଟିଏ ଭାଗରେ କେତୋଟି ମାଛ ରହିବ ? ________________



ଏହି ବତକ ତିନୋଟି ଯେଉଁ ଯେଉଁ ଦଳକୁ ଗଲେ ସବୁ ଦଳରେ ସମାନ ବତକ ହେବେ, ଗାର ଦେଇ ଚିହ୍ନାଅ ।

- ଗୋଟିଏ ଦଳରେ ୪ଟି ମୂଷା । ମୁଣ୍ଡୁଳା ବୁଲାଇ କେତୋଟି ଦଳ ହେଲା କୁହ ।



ମୋଟ୍ ଦଳ ସଂଖ୍ୟା = ________

# ଅଭ୍ୟାସ କାର୍ଯ୍ୟ

୧. ସୂଚନା ଅନୁଯାୟୀ ଦଳ ଗଠନ କର ।

(କ) ୩ଟି କୁକୁଡା ଛୁଆରେ ଗୋଟିଏ ଦଳ, କେତୋଟି ଦଳ ହେବ ?




(ଖ) ୫ଟି ଶୁଆରେ ଗୋଟିଏ ଦଳ । ମୋଟ୍ ଦଳ ସଂଖ୍ୟା କେତେ ?




(ଗ) ଗୋଟିଏ ପିଲାକୁ ୪ଟି ଚକୋଲେଟ୍ ଦେଲେ କେତେଜଣ ପିଲା ଖାଇବେ ?



(ଘ)





୩ଟି ବେଲୁନ୍ ନେଇ ଗୋଟିଏ ପେନ୍ଥା କଲେ

—— ଟି ପେନ୍ଥା

୫ଟି ବେଲୁନ୍ ନେଇ ଗୋଟିଏ ପେନ୍ଥା କଲେ

—— ଟି ପେନ୍ଥା

୨. ନିଜେ ୧୫ଟି ବେଲୁନ୍ ଚିତ୍ର କର । ୪ଟି ବେଲୁନ୍‌ରେ ଗୋଟିଏ ପେନ୍ଥା କର ।

କେତୋଟି ପେନ୍ଥା କଲ ? ________

କେତୋଟି ବେଲୁନ୍ ବଳିଲା ? ________

ପାଠ-୧୨

# ଟଙ୍କା ପଇସା ଦିଆନିଆ କରିବା

ଦିନେ ଅଜା ତାଙ୍କ ଘର ସଫା କରୁଥିଲେ। ସଫା କରୁଥିବା ବେଳେ ଗୋଟିଏ ଡବା ପାଇଲେ। ସେଥିରେ ଆଗରୁ ଚଳୁଥିବା ମୁଦ୍ରା ଓ ବର୍ତ୍ତମାନର କିଛି ମୁଦ୍ରା ଥିଲା। ଏହି ସମୟରେ ତାଙ୍କ ନାତି ଆସି ସେଠାରେ ପହଞ୍ଚିଲା। ହାତରୁ ଡବାଟି ଟାଣିନେଲା। ନେଉନେଉ ଡବାଟି ତଳେ ପଡ଼ିଗଲା। ମୁଦ୍ରାସବୁ ତଳେ ବିଛାଡ଼ି ହୋଇ ପଡିଲା। ନାତିର ଖୁସି କହିଲେ ନ ସରେ। ସେ ସେଗୁଡ଼ିକୁ ଦେଖିଲା। ଅଜା ତାକୁ ଗୋଟି ଗୋଟି କରି ସବୁ ମୁଦ୍ରା ଚିହ୍ନାଇଲେ ଓ ନିଜ ପକେଟ୍‌ରୁ ନୋଟ୍‌ଗୁଡ଼ିଏ ବାହାର କରି ଦେଖାଇଲେ। ଆସ ଜାଣିବା, ସେ ଡବାରେ କି କି ମୁଦ୍ରା ଥିଲା ? ପକେଟ୍‌ରେ କି କି ନୋଟ୍ ଥିଲା ?





**ଏବେ କୁହ :**

- ଡବାଟିରେ କେତୋଟି ମୁଦ୍ରା ଥିଲା ? ________
- କି କି ମୁଦ୍ରା ଥିଲା ? ________
- କେତୋଟି ଟଙ୍କିକିଆ ମୁଦ୍ରା ଥିଲା ? ________
- ପ୍ରତ୍ୟେକ ମୁଦ୍ରାରୁ କେତୋଟି ଲେଖାଏଁ ଅଛି ଗଣ ଓ କୁହ।


- ଅଜା ପକେଟ୍‌ରୁ କେତେ ନୋଟ୍ ବାହାର କରି ଚିହ୍ନାଇଲେ । ଆସ, ସେ ସବୁକୁ ଚିହ୍ନିବା ।














**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପ୍ରକୃତ ମୁଦ୍ରା ଓ ନୋଟ୍‌କୁ ଆଣି ପିଲାଙ୍କୁ ଚିହ୍ନାଇବେ । ଥରକେ ୩/୪ଟି ମୁଦ୍ରା ବା ନୋଟ୍ ନେଇ ସେଗୁଡ଼ିକର ପରିମାଣ କେତେ ଅଛି ଆଲୋଚନା କରିବେ । ଯେପରି ୩/୪ଟି ମୁଦ୍ରା ବା ନୋଟ୍‌ର ମୋଟ ପରିମାଣ ୫୦ ଟଙ୍କାରୁ ଅଧିକ ନହୁଏ ସେଥିପ୍ରତି ଦୃଷ୍ଟି ଦେବେ ।

# ଅଭ୍ୟାସ କାର୍ଯ୍ୟ

୧. ସମାନ ପରିମାଣକୁ ଗାର ଟାଣି ଚିହ୍ନାଅ–



୨. କୋଠରିରେ ଥିବା ମୁଦ୍ରା ଓ ନୋଟ୍ ଗୁଡ଼ିକର ମୂଲ୍ୟ ଖାଲିଘରେ ଲେଖ ।

| | |
|---|---|
|  | ୫ ଟଙ୍କା |
|  | |
|  | |
|  | |
|  | |
|  | |
|  | |
|  | |

୩. ତଳେ ଦିଆଯାଇଥିବା ନୋଟ୍ ଦେଖି ଖାଲିଘର ପୂରଣ କର ।

 ☐ ଟି = 


 ☐ ଟି = 


 ☐ ଟି = 


୪. ଖାଲିଘର ଉତ୍ତର ଲେଖ ।

(କ) ୧ ଟଙ୍କାରେ କେତୋଟି ୨୫ ପଇସି ମୁଦ୍ରା ହେବ ? ☐

(ଖ) ୧ ଟଙ୍କାରେ କେତୋଟି ୫୦ ପଇସି ମୁଦ୍ରା ହେବ ? ☐

(ଗ) ୨ ଟଙ୍କାରେ କେତୋଟି ୧ ଟଙ୍କିଆ ମୁଦ୍ରା ହେବ ? ☐

(ଘ) ୨ ଟଙ୍କାରେ କେତୋଟି ୫୦ ପଇସି ମୁଦ୍ରା ପାଇବା ? ☐

(ଙ) ୨ ଟଙ୍କାରେ କେତୋଟି ୨୫ ପଇସି ମୁଦ୍ରା ପାଇବା ? ☐

(ଚ) ଗୋଟିଏ ୫ ଟଙ୍କା ମୁଦ୍ରା ଦେଲେ କେତୋଟି ୧ ଟଙ୍କିଆ ମୁଦ୍ରା ପାଇବା ? ☐

(ଛ) ଗୋଟିଏ ୫ ଟଙ୍କା ମୁଦ୍ରା ଦେଲେ କେତୋଟି ୫୦ ପଇସି ମୁଦ୍ରା ପାଇବା ? ☐

୫. ନୋଟ୍ ଓ ମୁଦ୍ରା ମିଶି କେତେ ହେବ ଲେଖ ?

(କ)  = ୩୦ ଟଙ୍କା

(ଖ)  = ---------- ଟଙ୍କା

(ଗ)  = ---------- ଟଙ୍କା



(ଘ)  = --------- ଟଙ୍କା

୬. ମୁଦ୍ରାର ମୂଲ୍ୟକୁ ମିଶାଇ ମୋଟ୍ ମୂଲ୍ୟ ଲେଖ ।

(କ) ୨୦ଟଙ୍କା + ୫ ଟଙ୍କା = [ ] ଟଙ୍କା

(ଖ) ୨୦ଟଙ୍କା + ୧୦ ଟଙ୍କା = [ ] ଟଙ୍କା

(ଗ) ୧୦ଟଙ୍କା + ୫ ଟଙ୍କା + ୫ ଟଙ୍କା = [ ] ଟଙ୍କା

(ଘ) ୨୦ ଟଙ୍କା + ୧୦ ଟଙ୍କା + ୧୦ ଟଙ୍କା = [ ] ଟଙ୍କା

୭. ମନେ ମନେ ହିସାବ କରି କୁହ ଓ ପରେ ଉତ୍ତରକୁ ଡାହାଣ ପାଖ କୋଠରିରେ ଲେଖ ।

(କ) ତୁମେ ଗୋଟିଏ ବହି କିଣି ଦୋକାନୀକୁ ୨ଟି ୧୦ ଟଙ୍କିଆ ନୋଟ୍ ଓ ଗୋଟିଏ ୫ ଟଙ୍କିଆ ନୋଟ୍ ଦେଲ । ବହିର ଦାମ୍ କେତେ ?

(ଖ) ଗୋଟିଏ ବିସ୍କୁଟ୍ ପ୍ୟାକେଟ୍‌ର ଦାମ୍ ୨୨ଟଙ୍କା । କୁନା ଗୋଟିଏ ବିସ୍କୁଟ୍ ପ୍ୟାକେଟ୍ କିଣି ଦୋକାନୀକୁ ୩୦ଟଙ୍କା ଦେଲା । ଦୋକାନୀ ତାକୁ କେତେ ଟଙ୍କା ଫେରାଇବ ?

(ଗ) ଗୋଟିଏ ମିଠେଇର ମୂଲ୍ୟ ୨ଟଙ୍କା । ସୀମା ୨ଟି ମିଠାଇ କିଣି ଦୋକାନୀକୁ ୧୦ ଟଙ୍କା ଦେଲା । ଦୋକାନୀ ତାକୁ କେତେ ଟଙ୍କା ଫେରାଇବ ?

(ଘ) ଗୋପାଳ ପାଖରେ କିଛି ୫ ଟଙ୍କିଆ ମୁଦ୍ରା ଓ ୧୦ ଟଙ୍କିଆ ନୋଟ୍ ଅଛି । ୩୫ ଟଙ୍କା ମୂଲ୍ୟର ଏକ ଖେଳନା କିଣିବା ପାଇଁ ୧୦ ଟଙ୍କିଆ ନୋଟ୍ ସହିତ କେତୋଟି ୫ ଟଙ୍କିଆ ମୁଦ୍ରା ଦେବ ?

(ଙ) ସୀତା ପାଖରେ ୬ଟି ୨ ଟଙ୍କିଆ ନୋଟ୍ ଓ ୫ଟି ୫ଟଙ୍କିଆ ନୋଟ୍ ଥିଲା । ତେବେ ସେ ଦୁଇ ଜଣଙ୍କ ପାଖରେ ମୋଟ୍ କେତେ ଟଙ୍କା ଥିଲା ?



## ତୁମ ପାଇଁ କାମ

ଆସ, ଆମେ ମୁଦ୍ରାର ଛାପ ଆଙ୍କିବା ।

- ବିଭିନ୍ନ ପ୍ରକାର ମୁଦ୍ରା ସଂଗ୍ରହ କର ।
- ଟେବୁଲ୍ ଉପରେ ମୁଦ୍ରା ରଖି ତା' ଉପରେ ଏକ ପତଳା କାଗଜ ରଖ ।
- ଗୋଟିଏ ହାତରେ କାଗଜକୁ ଧରି,ପେନ୍‌ସିଲ୍‌ର ପଛପଟକୁ ମୁଦ୍ରା ଉପରେ ଧୀରେ ଧୀରେ ଘଷ ।
- ତୁମ ମନ ପସନ୍ଦର ମୁଦ୍ରା ଚିତ୍ର ପାଇବ ।



# ଲମ୍ବ କେତେ ଜାଣିବା

ପାଠ-୧୩

ମିଲି ଓ ଝିଲି ଦୁଇ ସାଙ୍ଗ । ଉଭୟେ ଦ୍ୱିତୀୟ ଶ୍ରେଣୀରେ ପଢନ୍ତି । ଥରେ ସେ ଦୁଇ ଜଣ କଳାପଟାର ଲମ୍ୱକୁ ନିଜ ହାତ ଚାଖଣ୍ଡରେ ମାପୁଥିଲେ । ମିଲି କହିଲା, "ଆମ କଳାପଟା ୭ ଚାଖଣ୍ଡ ଲମ୍ବା" । ଝିଲି କହିଲା, "ନାଁ, ନାଁ କଳାପଟାଟି ୬ ଚାଖଣ୍ଡ ଲମ୍ବା"



- ଏବେ ତୁମେ ଓ ତୁମର ସାଙ୍ଗ କଳାପଟାର ଲମ୍ୱକୁ ମାପ ।

  ତୁମର ମାପ = [ ] ଚାଖଣ୍ଡ

  ସାଙ୍ଗର ମାପ = [ ] ଚାଖଣ୍ଡ

  ତୁମ ଦୁଇ ଜଣଙ୍କ ମାପ ସମାନ ହେଲା କି ? ________



- ତୁମ ଗଣିତ ଖାତାର ଉଭୟ ଧାରକୁ ଦିଆସିଲି କାଠିରେ ମାପ ଓ ଲେଖ ।

  ଖାତାର ଲମ୍ୱ .................... ଟି ଦିଆସିଲି କାଠିର ଲମ୍ୱ ସହ ସମାନ ।

  ଖାତାର ଓସାର .................. ଟି ଦିଆସିଲି କାଠିର ଲମ୍ୱ ସହ ସମାନ ।



- ଟେବୁଲ୍‌ର ଉଭୟ ଧାରକୁ ଡଷ୍ଟର୍‌ରେ ମାପ ଓ ଲେଖ ।

  ଟେବୁଲ୍‌ର ଦୈର୍ଘ୍ୟ............ ଟି ଡଷ୍ଟର୍‌ର ଦୈର୍ଘ୍ୟ ସହ ସମାନ ।

  ଟେବୁଲ୍‌ର ଓସାର ............ ଟି ଡଷ୍ଟର୍‌ର ପ୍ରସ୍ଥ ସହ ସମାନ ।

**ଶିକ୍ଷକଙ୍କ ପାଇଁ ସୂଚନା :** ଦିଆସିଲି କାଠି, ରୁଲ୍‌ବାଡ଼ି, ହାତ, ଚାଖଣ୍ଡ, ପାଦରେ ବିଭିନ୍ନ ଦୂରତାକୁ ମାପିବା ପାଇଁ ସୁଯୋଗ ସୃଷ୍ଟି କରାଯିବ । ପିଲାମାନେ ଦଳରେ ଏହି କାମ କରିବେ । ଦଳରେ ପ୍ରତ୍ୟେକ ପିଲା ଗୋଟିଏ ନିର୍ଦ୍ଦିଷ୍ଟ ଦୈର୍ଘ୍ୟକୁ ହାତ, ଚାଖଣ୍ଡ, ପାଦରେ ମାପିବେ । ପ୍ରତ୍ୟେକଙ୍କର ଉତ୍ତର କାହିଁକି ଅଲଗା ହେଉଛି ଆଲୋଚନା କରି କହିବେ ।

## ଆସ, ଆମେ ଆମର ଉଚ୍ଚତା ମାପି ଜାଣିବା ।




- ଶ୍ରେଣୀ କାନ୍ଥର ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେ ଚିହ୍ନ ଦିଅ ।
- ଜଣ ଜଣକରି ପିଲା ତା ସାମ୍ନାରେ କାନ୍ଥକୁ ଲାଗି ଠିଆ ହୁଅ ।
- କେଉଁ ପିଲାମାନେ ଚିହ୍ନ ଦିଆଯାଇଥିବା ଉଚ୍ଚତାରୁ ଅଧିକ ଓ କେଉଁମାନେ କମ୍ ସେମାନଙ୍କ ନାମକୁ ତଳ ସାରଣୀରେ ଲେଖ ।

| ଚିହ୍ନ ଦିଆଯାଇଥିବା ମାପ ସଙ୍ଗେ ସମାନ | ତା'ଠାରୁ ଅଧିକ | ତା'ଠାରୁ କମ୍ |
|---|---|---|
| | | |
| | | |
| | | |
| | | |
| | | |
| | | |
| | | |
| | | |

### ତୁମ ପାଇଁ କାମ



- ତୁମ ଘରର ଲମ୍ବ ଓ ଚଉଡ଼ାକୁ ହାତରେ ଓ ଚାଖଣ୍ଡରେ ମାପ ।
- ତୁମ ଶ୍ରେଣୀ କୋଠରିର ଲମ୍ବ ଓ ଚଉଡ଼ାକୁ ହାତରେ ଓ ଚାଖଣ୍ଡରେ ମାପ ।
- ତୁମ ଘର ଓ ଶ୍ରେଣୀ କୋଠରି ମଧ୍ୟରୁ କାହାର ଲମ୍ବ ଅଧିକ ?
- ତୁମ ଘର ଓ ଶ୍ରେଣୀ କୋଠରି ମଧ୍ୟରୁ କାହାର ଚଉଡ଼ା ଅଧିକ ?




୧. ଦିଆସିଲି କାଠି ନେଇ ତଳେ ଦିଆଯାଇଥିବା ଲମ୍ବ ମାପ ନିର୍ଣ୍ଣୟ କର ।

| କ୍ରମିକ ନଂ | କାହାର ମାପ | ମାପ |
|---|---|---|
| ୧ | ଗଣିତ ବହିର ଲମ୍ବ | ........ ଟି ଦିଆସିଲି କାଠିର ଲମ୍ବ |
| ୨ | ଗଣିତ ବହିର ଓସାର | ........ ଟି ଦିଆସିଲି କାଠିର ଲମ୍ବ |
| ୩ | ଖାତାର ଲମ୍ବ | ........ ଟି ଦିଆସିଲି କାଠିର ଲମ୍ବ |
| ୪ | ଖାତାର ଓସାର | ........ ଟି ଦିଆସିଲି କାଠିର ଲମ୍ବ |
| ୫ | ପେନ୍‌ସିଲ୍‌ର ଲମ୍ବ | ........ ଟି ଦିଆସିଲି କାଠିର ଲମ୍ବ |
| ୬ | ଡ୍ରଇଁ ଖାତାର ଲମ୍ବ | ........ ଟି ଦିଆସିଲି କାଠିର ଲମ୍ବ |
| ୭ | ଡ୍ରଇଁ ଖାତାର ଓସାର | ........ ଟି ଦିଆସିଲି କାଠିର ଲମ୍ବ |

୨. ଚିତ୍ର ଦେଖି ଉତ୍ତର କୁହ ଓ ଲେଖ ।

(କ)



ପେନ୍‌ସିଲ୍‌ର ଲମ୍ବ = [ ] ଟି ଦିଆସିଲି କାଠିର ଲମ୍ବ

(ଖ)



କଲମର ଲମ୍ବ = [ ] ଟି କଣ୍ଟାର ଲମ୍ବ

(ଗ)



ଟେବୁଲ୍‌ର ଲମ୍ବ = [ ] ଟି ଡଷ୍ଟରର ଲମ୍ବ

୩.  ଏକ ରୁଲ୍‌ବାଡ଼ିରେ ମାପ ଅନୁମାନ କରି ଲେଖ ଓ ପରେ ମାପି ଲେଖ ।

| କାହାର ମାପ | ଅନୁମାନ ମାପ | ପ୍ରକୃତ ମାପ |
|---|---|---|
| କଳାପଟାର ଲମ୍ବ | ........ଟି ରୁଲ୍‌ବାଡ଼ିର ଲମ୍ବ | ....... ଟି ରୁଲ୍‌ବାଡ଼ିର ଲମ୍ବ |
| କଳାପଟାର ଓସାର | ........ଟି ରୁଲ୍‌ବାଡ଼ିର ଲମ୍ବ | ....... ଟି ରୁଲ୍‌ବାଡ଼ିର ଲମ୍ବ |
| ଝରକାର ଲମ୍ବ | ........ଟି ରୁଲ୍‌ବାଡ଼ିର ଲମ୍ବ | ....... ଟି ରୁଲ୍‌ବାଡ଼ିର ଲମ୍ବ |
| ଝରକାର ଓସାର | ........ ଟି ରୁଲ୍‌ବାଡ଼ିର ଲମ୍ବ | ....... ଟି ରୁଲ୍‌ବାଡ଼ିର ଲମ୍ବ |

୪.  ଏକ ହାତ ଲମ୍ବର ସିଧା ବାଡ଼ି ତିଆରି କରି ଲମ୍ବ ଅନୁମାନ କରି ଓ ପରେ ମାପି ଲେଖ ।

| କାହାକୁ ମାପିବା | ଅନୁମାନ ମାପ | ପ୍ରକୃତ ମାପ |
|---|---|---|
| ଦୁଆର ବନ୍ଧର ଲମ୍ବ | ........ଟି ବାଡ଼ିର ଲମ୍ବ | ........ଟି ବାଡ଼ିର ଲମ୍ବ |
| ଦୁଆର ବନ୍ଧର ଓସାର | ........ଟି ବାଡ଼ିର ଲମ୍ବ | ........ଟି ବାଡ଼ିର ଲମ୍ବ |
| ବାରଣ୍ଡାର ଲମ୍ବ | ........ଟି ବାଡ଼ିର ଲମ୍ବ | ........ଟି ବାଡ଼ିର ଲମ୍ବ |
| ବାରଣ୍ଡାର ଓସାର | ........ଟି ବାଡ଼ିର ଲମ୍ବ | ........ଟି ବାଡ଼ିର ଲମ୍ବ |
| ଶ୍ରେଣୀ କୋଠରିର ଲମ୍ବ | ........ଟି ବାଡ଼ିର ଲମ୍ବ | ........ଟି ବାଡ଼ିର ଲମ୍ବ |
| ଶ୍ରେଣୀ କୋଠରିର ଓସାର | ........ଟି ବାଡ଼ିର ଲମ୍ବ | ........ଟି ବାଡ଼ିର ଲମ୍ବ |







# କିଏ ଭାରୀ କିଏ ହାଲୁକା ଜାଣିବା



## ଉଠାପକା ଖେଳ :

ମାଙ୍କଡ଼, ଛେଳି ଓ ବିଲେଇମାନଙ୍କ ମଧ୍ୟରେ ଉଠାପକା ଖେଳ ଚାଲିଛି ।



ମାଙ୍କଡ଼ଟି ଦୌଡ଼ି ଆସି ଗୋଟିଏ ପଟରେ ବସିଲା । ସେ ବସିଥିବା ପାଖଟି ତଳକୁ ନଇଁଗଲା । ଅନ୍ୟମାନଙ୍କୁ ଡାକି କହିଲା, "କିଏ ମୋତେ ଉପରକୁ ଉଠାଇ ପାରିବ ?"



ଏହା ଶୁଣି ବିଲେଇମାନେ ଦୌଡ଼ିଲେ । ପ୍ରଥମେ ଗୋଟିଏ ବିଲେଇ ଯାଇ ଅନ୍ୟ ପଟେ ବସିଲା । କିନ୍ତୁ ଉଠାପକା ଖେଳର ପଟାଟି ସମାନ ହେଲା ନାହିଁ ।

ମାଙ୍କଡ଼ ଥିବା ପଟଟି ତଳକୁ ନଇଁଗଲା ।

**ଏବେ କହ :**

ମାଙ୍କଡ଼ ବସିଥିବା ପଟଟି କାହିଁକି ତଳକୁ ନଇଁଗଲା ?



ପୁଣି ଆଉ ଦୁଇଟି ବିଲେଇ ଆସି ପଟାର ଅନ୍ୟପାଖରେ ବସିପଡ଼ିଲେ ।

ଏବେ ମାଙ୍କଡ଼ ବସିଥିବା ପାଖ ଓ ବିଲେଇମାନେ ବସିଥିବା ପାଖ ଭୂମିଠାରୁ ସମାନ ଉଚ୍ଚତାରେ ରହିଲା ।

ପଟାର ଗୋଟିଏ ପଟେ ମାଙ୍କଡ଼ ଓ ଅନ୍ୟପଟେ ତିନୋଟି ବିଲେଇ ବସିବାରୁ ପଟାଟି ଭୂମିଠାରୁ ସମାନ ଉଚ୍ଚାରେ ରହିଲା କାହିଁକି ?



ଏହା ପରେ ଛେଳି ଆସି ବସିଲା । ସେ ବସିଥିବା ପାଖଟି ତଳକୁ ନଇଁଗଲା । ମାଙ୍କଡ଼ ହଠାତ୍ କହିପକାଇଲା,- "ହେ ଛେଳିଭାଇ, ତୁମେ ମୋତେ ଜିତିଗଲ ।"

**ଏବେ ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।**

(କ) ମାଙ୍କଡ଼ ଓ ଛେଳି ମଧ୍ୟରୁ କାହାର ଓଜନ ଅଧିକ ? ______

(ଖ) ମାଙ୍କଡ଼ ଓ ବିଲେଇ ମଧ୍ୟରୁ କାହାର ଓଜନ ଅଧିକ ? ______

(ଗ) ବିଲେଇ ଓ ଛେଳି ମଧ୍ୟରୁ କାହାର ଓଜନ ଅଧିକ ? ______

(ଘ) ମାଙ୍କଡ଼ର ଓଜନ କେତୋଟି ବିଲେଇର ଓଜନ ସହ ସମାନ ? ______

(ଙ) ଛେଳି, ବିଲେଇ ଓ ମାଙ୍କଡ଼ ମଧ୍ୟରୁ କାହାର ଓଜନ ଅଧିକ ? ______


(ଚ) ତିନୋଟି ବିଲେଇର ଓଜନ ମିଶି ଛେଳିର ଓଜନଠାରୁ ଅଧିକ କି ? ______

## ଛୋଟୁ - ମୋଟୁଙ୍କ କଳି :


ଛୋଟୁ ଓ ମୋଟୁ ରାସ୍ତାରେ ଯାଉଥିଲେ ।

ବାଟରେ ଗୋଟିଏ ବସ୍ତା ପାଇଲେ ।

ବସ୍ତା ଭିତରେ ଥିଲା କେତେଗୁଡ଼ିଏ ମୂଳା ।



ଦୁଇଜଣଙ୍କ ମଧ୍ୟରେ ଲାଗିଲା କଳି ।






ଦୁଇଜଣଙ୍କ ମଧ୍ୟରେ ମୂଳାକୁ ସମାନ ଭାଗ କରିବାକୁ ପଡ଼ିବ ।

କେତେଗୁଡ଼ିଏ ବଡ଼ ମୂଳା ଅଛି ଓ କେତେଗୁଡ଼ିଏ ସାନମୂଳା ଅଛି ।

ଆମେ କ'ଣ କରିବା ?

ଦୁଇଜଣଙ୍କ ମଧ୍ୟରେ ସମାନ ଭାଗ କରିବା ପାଇଁ ମେଣ୍ଢା ଗୋଟିଏ ଜିନିଷ ଆଣିଲା ।

ମେଣ୍ଢା କ'ଣ ଆଣିଥିଲା ତୁମେ କହିପାରିବ କି ?


ମେଣ୍ଢା ଗୋଟିଏ ନିକିତି ଆଣିଥିଲା ।


ଡାହାଣପାଖ କୋଠରି ମଧ୍ୟରେ

ଗୋଟିଏ ନିକିତିର ଚିତ୍ର ତିଆରି କର ।


• ତଳ ଚିତ୍ର ଦେଖ, ଯାହାର ଓଜନ ବେଶୀ, ତା'କୁ ରଙ୍ଗ ଦିଅ ।


(କ)







(ଖ)







(ଗ)





(ଘ)






ତୁମେ ଘର ପାଖ ଦୋକାନକୁ ଯାଇଥିବ।
ଦୋକାନୀ ନିକିତିରେ ଜିନିଷ ଓଜନ କରିବାର ଦେଖିଥିବ।
ଦୋକାନୀ ନିକିତିରେ କେଉଁ ସବୁ ଜିନିଷ ଓଜନ କରେ ଲେଖ।

.................................................

.................................................


.................................................

.................................................



ଦିଆଯାଇଥିବା ଚିତ୍ରକୁ ଦେଖ। ଏହା ଏକ ତରାଜୁର ଚିତ୍ର।
ତରାଜୁର ଦୁଇଟି ପଲା ଅଛି।
ଡାହାଣପଟ ପଲାରେ ଗୋଟିଏ କ୍ରିକେଟ୍ ବ୍ୟାଟ୍ ରଖାଯାଇଛି ଓ ବାମପଟ ପଲାରେ ଗୋଟିଏ କ୍ରିକେଟ୍ ବଲ୍ ଅଛି।

- ତରାଜୁର କେଉଁ ପଟ ପଲାଟି ତଳକୁ ଅଛି ?
- କ୍ରିକେଟ ବ୍ୟାଟ୍ ଓ କ୍ରିକେଟ୍ ବଲ୍ ମଧ୍ୟରୁ କାହାର ଓଜନ ଅଧିକ ?





- ତୁମ ବିଦ୍ୟାଳୟରେ ଥିବା ତରାଜୁଟିକୁ ନିଅ।
- ତରାଜୁଟିର ବାମପଟ ପଲାରେ ଖଣ୍ଡିଏ ଇଟା ପକାଅ।
- ତୁମେ ଦେଖିବ ଯେ, ତରାଜୁର ବାମପଟ ପଲା ତଳକୁ ହୋଇ ଯାଉଛି।
- କେତେଗୁଡ଼ିଏ ଗୋଡ଼ି ଡାହାଣ ପଟ ପଲାରେ ପକାଅ, ଯେପରି ଇଟାଖଣ୍ଡର ଓଜନ ସହ ସେଗୁଡ଼ିକର ଓଜନ ସମାନ ହେବ।
- ଡାହାଣ ପଟ ପଲାରେ କେତୋଟି ଗୋଡ଼ି ପକାଇଲ ଗଣି ଲେଖ।

# ଅଭ୍ୟାସ କାର୍ଯ୍ୟ

୧. 

(କ) ଏମାନଙ୍କ ମଧ୍ୟରୁ କିଏ ନଈ ପାରି ହୋଇ ପାରିବ ? ..................................

(ଖ) କାହାର ଓଜନ ବେଶୀ ? ..................................

(ଗ) କାହାର ଓଜନ କମ୍ ? ..................................

୨.







(କ) ଏ ଦୁଇଟିରୁ ତୁମେ କାହାକୁ ଉଠାଇ ପାରିବ ? ..................................

(ଖ) କେଉଁଟିକୁ ଉଠାଇ ପାରିବନାହିଁ ? ..................................

(ଗ) କାହାର ଓଜନ ବେଶୀ ? ..................................

(ଘ) କାହିଁକି ଉଠାଇ ପାରିବନାହିଁ କୁହ ।

୩. କେଉଁ ପଶୁ କେଉଁ ଜିନିଷକୁ ବୋହି ନେଇ ପାରିବ ? ଗାର ଟାଣି ଯୋଡ ।




୪. ତରାଜୁର ଗୋଟିଏ ପଟ ପଲାରେ ଥରକୁ ଥର ଡଷ୍ଟର୍, କଲମ, ପେନ୍‌ସିଲ୍, ଚକ୍ ରଖି ଅନ୍ୟପଟେ ପଲାରେ ତେନ୍ତୁଳିମଞ୍ଜି ପକାଅ । କେତୋଟି ତେନ୍ତୁଳିମଞ୍ଜି ପକାଇଲେ ତରାଜୁର ଦୁଇଟି ଯାକ ପଲା ଭୂମିଠାରୁ ସମାନ ଉଚ୍ଚତାରେ ରହିବ ଗଣି ଲେଖ ।


| ଜିନିଷର ନାମ | ତେନ୍ତୁଳି ମଞ୍ଜିର ସଂଖ୍ୟା |
|---|---|
| ଡଷ୍ଟର୍ | ........ ଟି ତେନ୍ତୁଳିମଞ୍ଜି |
| କଲମ | ........ ଟି ତେନ୍ତୁଳିମଞ୍ଜି |
| ପେନ୍‌ସିଲ୍ | ........ ଟି ତେନ୍ତୁଳିମଞ୍ଜି |
| ଚକ୍ | ........ ଟି ତେନ୍ତୁଳିମଞ୍ଜି |
| ଗଣିତ ଖାତା | ........ ଟି ତେନ୍ତୁଳିମଞ୍ଜି |



ପାଠ-୧୫

# ପାତ୍ର ନେଇ ପାଣି ମାପିବା

ଟାଣ ଖରା ହେଉଥାଏ। ସନାତନ ବାବୁ ଘରକୁ ଫେରିଲେ। ଘରେ ପହଞ୍ଚିବା ମାତ୍ରେ ତାଙ୍କ ଝିଅ ରୋଜିକୁ ଡାକିଲେ–"ମାଆ, ମୋ ପାଇଁ ପାଣି ଆଣିଲୁ।" ରୋଜି ଏକ ଛୋଟ ଗିଲାସରେ ପାଣି ଦେଲା। ଗିଲାସକୁ ଦେଖି ସନାତନ ବାବୁ ହସି କହିଲେ – "ଏତେ କମ୍ ପାଣି ଯା' ବେଶୀ ପାଣି ନେଇ ଆ।"



ରୋଜି ଏଥର ଟିକିଏ ବଡ଼ ଗିଲାସରେ ପାଣି ଆଣିଲା। ସନାତନ ବାବୁ କହିଲେ–"ତୁ କ'ଣ ଜାଣିନୁ, ବଡ଼ ପାତ୍ରରେ ବେଶି ପାଣି ଧରେ ଓ ଛୋଟ ପାତ୍ରରେ କମ୍ ପାଣି ଧରେ।" ରୋଜି ଏବେ ଠିକ୍ ବୁଝି ପାରିଲା।



ଚିତ୍ର ଦେଖି କୁହ -

- କେଉଁଥିରେ ଖୁବ୍ କମ୍ ପାଣି ଧରିବ ? ....................................
- କେଉଁଥିରେ ଅଧିକ ପାଣି ଧରିବ ? ....................................
- ଏମାନଙ୍କ ମଧ୍ୟରୁ କେଉଁ ପାଣିପାତ୍ରଟି ବଡ଼ ? ....................................

- ଆସ, ପାତ୍ରଗୁଡ଼ିକୁ ନେଇ ପାଣି ମାପି ଖେଳିବା ।

ଚିତ୍ର ଅନୁସାରେ, ପ୍ରଥମେ ଅନୁମାନ କରି ସାନପାତ୍ରରେ କେତେ ଥର ପାଣି ଢାଳିଲେ ବଡ଼ ପାତ୍ର ପୂରା ହେବ କହିବା ଓ ପରେ ମାପିକରି ଖାଲିଘରେ ଲେଖିବା ।

| ପାତ୍ର | ଅନୁମାନ ମାପ | ପ୍ରକୃତ ମାପ |
|---|---|---|
| (୧)  | | |
| (୨)  | | |
| (୩)  | | |
| (୪)  | | |

- ଅର୍ଚ୍ଚିତା, ଶେଫାଳୀ ଓ ସୁରେଶ ତିନୋଟି ବିଭିନ୍ନ ଆକାରର ବୋତଲରେ ପାଣି ଆଣି ସମାନ ଆକାରର ୩ଟି ଗ୍ଲାସ୍‌ରେ ପାଣି ଢାଳିଲେ । ଚିତ୍ର ଦେଖି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।



(ପ୍ରଥମ ଗ୍ଲାସ୍‌) (ଦ୍ୱିତୀୟ ଗ୍ଲାସ୍‌) (ତୃତୀୟ ଗ୍ଲାସ୍‌)

- କେଉଁ ଗ୍ଲାସ୍‌ରେ ବେଶୀ ପାଣି ଅଛି ? ..............................
- କେଉଁ ଗ୍ଲାସ୍‌ରେ କମ୍ ପାଣି ଅଛି ? ..............................
- କେଉଁ ବୋତଲରେ ଖୁବ୍ କମ୍ ପାଣି ଧରୁଛି ? ..............................
- କେଉଁ ବୋତଲରେ ସବୁଠାରୁ ଅଧିକ ପାଣି ଧରୁଛି ? ..............................

- ମୁଢ଼ି ରଖିବା ପାଇଁ ରିମାକୁ ମା' କହିଲେ । ରିମା ଗିଲାସେ ଗିଲାସେ କରି ବଡ଼ ଟିଣରେ ୧୫ ଗ୍ଲାସ୍ ଓ ସାନ ଟିଣରେ ୮ ଗ୍ଲାସ୍ ମୁଢ଼ି ଭର୍ତ୍ତି କଲା ।



**ଉତ୍ତର ଲେଖ**

- ୧ମ ଟିଣରେ ରିମା କେତେ ଗ୍ଲାସ୍ ମୁଢ଼ି ଭର୍ତ୍ତି କଲା ? ..............................
- ୨ୟ ଟିଣରେ କେତେ ଗ୍ଲାସ୍ ମୁଢ଼ି ଧରିଲା ? ..............................
- କେଉଁ ଟିଣରେ ଅଧିକ ମୁଢ଼ି ଧରିଲା ? ..............................
- ଆମେ ଆଉ କେଉଁ ପାତ୍ରରେ ମୁଢ଼ି ମାପି ପାରିବା ? ..............................

## ଅଭ୍ୟାସ କାର୍ଯ୍ୟ

୧. ତଳେ କେତେଗୁଡ଼ିଏ ଜିନିଷର ନାମ ଦିଆଯାଇଛି । ତା' ଉପରେ କେତେକ ଚିତ୍ର ଦିଆଯାଇଛି । କିଏ କାହା ଭିତରେ ରହେ ଗାର ଟାଣି ଦେଖାଅ ।



ତେଲ　　ଚିନି　　ପରିବା　　ବହି　　ତରକାରୀ

୨.   ଯେଉଁ ଜିନିଷ ବ୍ୟବହାର କଲେ ମାପିବା ଶୀଘ୍ର ହେବ, ତା' ପାଖରେ ( ✓ ) ଚିହ୍ନ ଦିଅ । ଯେଉଁଥିରେ ମାପିବା ଅଧିକ ସମୟ ଲାଗିବ, ତା' ପାଖରେ ( ✗ ) ଚିହ୍ନ ଦିଅ ।


(କ) 




(ଖ) 




(ଗ) 




୩.   ବିନ୍ଦୁ ଯୋଡ଼



# ବାରମାସର ନାମ ଜାଣିବା

ପାଠ-୧୬




ଦଶହରା ଛୁଟି ହୋଇଥାଏ । ସୋନାଲି ଓ ଶେଖର ବାପା ମା'ଙ୍କ ସାଂଗରେ ଦିଲ୍ଲୀ ବୁଲି ବାହାରିଲେ । ସେମାନେ ରବିବାର ସକାଳୁ ଭୁବନେଶ୍ୱର ରେଳଷ୍ଟେସନ୍‌ରୁ ରେଳଗାଡ଼ିରେ ଚଢ଼ିଲେ । ରବିବାର ଦିନ ସାରା ରେଳଗାଡ଼ି ଚାଲିଲା । କେତେ କ'ଣ ଜିନିଷ ବିକ୍ରି ଆସୁଥାଏ । ବାପା ଥରକୁ ଥର ଆଇସ୍‌କ୍ରିମ୍, ଭଜାବୁଟ, ବାଦାମ ଆଦି କିଣି ଦେଲେ । ସେମାନେ ଗାଡ଼ିରେ ବହୁତ ମଜା କଲେ । ସୋମବାର ଦିନ ସଂଧ୍ୟାରେ ସେମାନେ ଦିଲ୍ଲୀରେ ପହଞ୍ଚିଲେ । ସେଠାରେ ମାମୁଁଘରେ ରହିଲେ । ତିନିଦିନ ବୁଲାବୁଲି କରି ଶୁକ୍ରବାର ଦିନ ଦିଲ୍ଲୀରୁ ବାହାରି ଶନିବାର ଦିନ ଘରେ ପହଞ୍ଚିଲେ ।

### ଏବେ ତୁମେ କୁହ –

- ସୋନାଲି ଓ ଶେଖର କେଉଁ ଦିନ ରେଳଗାଡ଼ିରେ ଚଢ଼ିଲେ ?
- କେଉଁ ଦିନ ସେମାନେ ଦିଲ୍ଲୀରେ ପହଞ୍ଚିଲେ ?
- କେଉଁ କେଉଁ ଦିନ ସେମାନେ ଦିଲ୍ଲୀରେ ବୁଲିଲେ ?
- କେଉଁ ଦିନ ସେମାନେ ଦିଲ୍ଲୀରୁ ବାହାରିଲେ ?
- କେଉଁ ଦିନ ଘରେ ପହଞ୍ଚିଲେ ?

ଆସ, ଖାଲି ଘରେ ସପ୍ତାହର ବାରଗୁଡ଼ିକର ନାମ କ୍ରମରେ ଲେଖିବା –

| | | | | | | |
|---|---|---|---|---|---|---|
| | | ମଙ୍ଗଳବାର | | | | |

**ଆସ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।**

- ମଙ୍ଗଳବାର ପରେ କେଉଁ ବାର ପଡ଼େ ? ------------------------
- ମଙ୍ଗଳବାରର ପୂର୍ବ ବାରଟିର ନାମ କ'ଣ ? ------------------------
- ରବିବାର ପରେ କେଉଁ ବାର ଆସେ ? ------------------------
- ବୁଧବାର ଓ ଶୁକ୍ରବାର ମଝିରେ କେଉଁ ବାର ପଡ଼ିଥାଏ ? ------------------------
- ସୋମବାର ଓ ଗୁରୁବାର ମଝିରେ କେଉଁ କେଉଁ ବାର ଥାଏ ? ------------------------
- ସୋମବାରର ତିନିଦିନ ପରେ କେଉଁ ବାର ପଡ଼ିବ ? ------------------------
- ଆସନ୍ତାକାଲି କେଉଁ ବାର ହେବ ? ------------------------
- ଗତକାଲି କେଉଁ ବାର ପଡ଼ିଥିଲା ? ------------------------

**ଆମ ଶ୍ରେଣୀ ରୁଟିନ୍**



**ଦ୍ୱିତୀୟ ଶ୍ରେଣୀ**

| ଦିନ / ପିରିଅଡ୍ | ୧ମ | ୨ୟ | ୩ୟ | ୪ର୍ଥ | ୫ମ | ୬ଷ୍ଠ |
|---|---|---|---|---|---|---|
| ସୋମବାର | ଭାଷା | ଗଣିତ | ଚିତ୍ରାଙ୍କନ | ପରିବେଶପାଠ | ଭାଷା | ଖେଳ |
| ମଙ୍ଗଳବାର | ଭାଷା | ଗଣିତ | ହସ୍ତକର୍ମ | ପରିବେଶପାଠ | ଭାଷା | ଖେଳ |
| ବୁଧବାର | ଭାଷା | ଗଣିତ | ହସ୍ତକର୍ମ | ପରିବେଶପାଠ | ଭାଷା | ବଗିଚା କାମ |
| ଗୁରୁବାର | ଭାଷା | ଗଣିତ | ଚିତ୍ରାଙ୍କନ | ପରିବେଶପାଠ | ଗୀତ ଓ ନାଚ | ବଗିଚା କାମ |
| ଶୁକ୍ରବାର | ଭାଷା | ଗଣିତ | ଗୀତ ଓ ନାଚ | ଭାଷା | ପରିବେଶପାଠ | ଖେଳ |
| ଶନିବାର | ଡ୍ରିଲ୍ | ଗଣିତ | ଚିତ୍ରାଙ୍କନ | ଭାଷା | ମାଟିକାମ | ବଗିଚା କାମ |

ରୁଟିନ୍‌କୁ ଦେଖି ତଳ କୋଠରିରେ ଉତ୍ତର ଲେଖ ।

| ପଢ଼ାଯାଉଥିବା ବିଷୟ | କେଉଁ କେଉଁ ବାରରେ ପଢ଼ାଯାଉଛି ? |
|---|---|
| ଚିତ୍ରାଙ୍କନ | |
| ବଗିଚା କାମ | |
| ଖେଳ | |
| ହସ୍ତକର୍ମ | |
| ଗୀତ ଓ ନାଚ | |
| ଗଣିତ | |

- ତୁମ ଶ୍ରେଣୀ ରୁଟିନ୍ ସଂଗ୍ରହ କର । ତାହାକୁ ଦେଖି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

(କ) କେଉଁ କେଉଁ ଦିନ ରୁଟିନ୍‌ରେ ଖେଳ ପିରିଅଡ୍ ଅଛି ? ______


(ଖ) ରୁଟିନରେ ନାଚ ଓ ଗୀତ ପାଇଁ ପିରିଅଡ୍ ଅଛି କି ? ହଁ / ନା

ଯଦି ଥାଏ, କେଉଁ କେଉଁ ଦିନ ଅଛି ? ______

(ଗ) ରୁଟିନ୍‌ରେ କେଉଁ କେଉଁ ଦିନ ଚିତ୍ରାଙ୍କନ କରିବାକୁ କୁହାଯାଇଛି ? ______

## ବାର ମାସର କଥା

ବର୍ଷକ ବାର ମାସ । ବାର ମାସ ଯାକ ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଉଥିଲେ । ସେମାନେ ନିଜ ନିଜ ବିଷୟରେ କହୁଥିଲେ ।



**ମାର୍ଚ୍ଚ**

ଜାନୁଆରୀ ପରି ମୁଁ ମଧ୍ୟ
୩୧ ଦିନିଆଁ ।
ମୁଁ ବର୍ଷର ତୃତୀୟ ମାସ ।

**ଅପ୍ରେଲ୍**

ମାର୍ଚ୍ଚ ମାସ ପରେ ମୁଁ
ଆସିଥାଏ । ମୁଁ ୩୦ଦିନ
ପାଇଁ ଆସିଥାଏ । ମୁଁ ଆସିଲେ
ଅଧିକ ଖରା ହୋଇଥାଏ ।

**ମଇ**

ବର୍ଷର ପଞ୍ଚମ ମାସ
ହେଉଛି ମୁଁ । ମୁଁ ୩୧ ଦିନ
ପର୍ଯ୍ୟନ୍ତ ରହେ । ଏହି ସମୟରେ
ବିଦ୍ୟାଳୟ ଗ୍ରୀଷ୍ମଛୁଟି ପାଇଁ
ବନ୍ଦ ହୋଇଥାଏ ।

**ଜୁନ୍**

ମୁଁ ୩୦ଦିନ ପାଇଁ ଆସିଥାଏ ।
ମୁଁ ବର୍ଷର ଷଷ୍ଠ ମାସ ।
ପିଲାମାନଙ୍କ ପାଇଁ ରଜପର୍ବକୁ
ନେଇ ଆସିଥାଏ । ରଜରେ
ଦୋଳିଖେଳି ପିଲାମାନେ
ଖୁସିହୁଅନ୍ତି ।

**ଜୁଲାଇ**

ବର୍ଷର ସପ୍ତମ ମାସ କହିଲେ
ମୋତେ ବୁଝାଯାଏ । ମୁଁ ୩୧
ଦିନିଆଁ । ମୁଁ ଆସିଲେ
ବର୍ଷାଦିନ ଆରମ୍ଭ
ହୋଇଥାଏ ।

**ଅଗଷ୍ଟ**

ମୁଁ ମଧ୍ୟ ଜୁଲାଇ ମାସ
ପରି ୩୧ ଦିନିଆଁ । ମୋର
ନାମ ଅଗଷ୍ଟ । ଏହି ମାସରେ
ସ୍ୱାଧୀନତା ଦିବସ ପାଳନ
କରାଯାଇଥାଏ ।

**ସେପ୍ଟେମ୍ବର**

ମୁଁ ଗୋଟିଏ ୩୦ ଦିନିଆଁ
ମାସ । ବର୍ଷର ନବମ ମାସ,
ଏହି ମାସରେ ଗୁରୁଦିବସ
ପାଳନ କରାଯାଏ ।

**ଅକ୍ଟୋବର**

ମୁଁ ଅକ୍ଟୋବର ।
ବର୍ଷର ଦଶମ ମାସ ।
ମୁଁ ୩୧ ଦିନ ପାଇଁ
ଆସିଥାଏ ।

**ନଭେମ୍ବର**

ମୁଁ ଗୋଟିଏ ୩୦ ଦିନିଆଁ
ମାସ । ଏହି ମାସରେ
ଶିଶୁଦିବସ
ପାଳନ କରାଯାଏ ।

**ଡିସେମ୍ବର**

ମୁଁ ବର୍ଷର ଶେଷ ମାସ ।
ମୁଁ ୩୧ ଦିନ ପାଇଁ
ଆସିଥାଏ । ମୁଁ ବିଦାୟ ନେଲେ
ଗୋଟିଏ ବର୍ଷ ଶେଷ
ହୋଇଥାଏ ।

ବର୍ଷର ବାରଟି ଯାକ ମାସ କ'ଣ କ'ଣ କହୁଥିଲେ ଜାଣିଲ । ଏବେ ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ-

(କ) କେଉଁ ମାସଟି ଇଂରାଜୀ ବର୍ଷର ପ୍ରଥମ ମାସ ? ____________

(ଖ) କେଉଁ ମାସଟି ଇଂରାଜୀ ବର୍ଷର ଶେଷ ମାସ ? ____________

(ଗ) କେଉଁ କେଉଁ ମାସଗୁଡ଼ିକ ୩୧ ଦିନିଆଁ ? ____________

(ଘ) କେଉଁ କେଉଁ ମାସଗୁଡ଼ିକ ୩୦ ଦିନିଆଁ ? ____________

- ଲିପି, ହାସିନା ଓ ଜର୍ଜ ସେମାନଙ୍କର ପ୍ରିୟ ମାସ ସଂପର୍କରେ କଥା ହେଉଥିଲେ-



ମଇ ଓ ଜୁନ୍ ମାସ ହେଉଛି ମୋର ପ୍ରିୟ ମାସ । ଏହି ସମୟରେ ଅଧିକ ଆମ୍ବ ଖାଇବାକୁ ମିଳିଥାଏ ।



ଲିପି



ମୋତେ କିନ୍ତୁ ଜୁଲାଇ ଓ ଅଗଷ୍ଟ ମାସ ବହୁତ ଭଲଲାଗେ । ବର୍ଷା ହେଲେ ଗାଁ ଦାଣ୍ଡରେ ମୁଁ କାଗଜଡଙ୍ଗା ଭସାଏ ।



ହାସିନା



ମୋତେ ଡିସେମ୍ବର ମାସ ସବୁଠାରୁ ଅଧିକ ଭଲ ଲାଗେ । ବଡ଼ଦିନରେ ମୋ ପାଇଁ ନୂଆ ପୋଷାକ ଆସେ ।



ଜର୍ଜ

- ତୁମକୁ ବର୍ଷର କେଉଁ ମାସ ସବୁଠାରୁ ଅଧିକ ଭଲଲାଗେ ? କାହିଁକି ? ____________

- ତଳେ ଦିଆଯାଇଥିବା ଚିତ୍ରରେ ହେଉଥିବା କାମଗୁଡ଼ିକ କେଉଁ ମାସ ସହ ସଂପୃକ୍ତ ବୋଲି ଭାବୁଛ ଲେଖ ।






ଜାଣିଛ କି ?



ଆମେ ଅକ୍ଟୋବର ମାସ
୨ ତାରିଖକୁ
**ଗାନ୍ଧି ଜୟନ୍ତୀ** କହିଥାଉ ।
ଏହି ଦିନ ମହାତ୍ମା ଗାନ୍ଧି
ଜନ୍ମ ହୋଇଥିଲେ ।



ନଭେମ୍ବର ମାସ
୧୪ ତାରିଖରେ **ଶିଶୁ ଦିବସ**
ପଡ଼ିଥାଏ ।
ଏହା ଜବାହରଲାଲ
ନେହେରୁଙ୍କ ଜନ୍ମଦିନ ।



ଆମେ ଜାନୁଆରୀ ମାସ
୨୩ ତାରିଖକୁ
**ନେତାଜୀ ଜୟନ୍ତୀ** କହିଥାଉ ।
ଏହି ଦିନ ନେତାଜୀ ସୁଭାଷ
ଚନ୍ଦ୍ର ବୋଷ କଟକଠାରେ
ଜନ୍ମଗ୍ରହଣ କରିଥିଲେ ।




ଅପ୍ରେଲ ମାସ
୧ ତାରିଖକୁ **ଉତ୍କଳ ଦିବସ**
ଭାବେ ପାଳନ କରାଯାଏ ।

- ତୁମର ଦଶଜଣ ସାଙ୍ଗଙ୍କ ନାମ ତଳ ସାରଣୀରେ ଲେଖ । ସେମାନଙ୍କୁ ପଚାରି ବୁଝି ସେମାନେ କେଉଁ ମାସରେ ଜନ୍ମ ହୋଇଛନ୍ତି ଲେଖ ।







| ସାଙ୍ଗଙ୍କ ନାମ | ଜନ୍ମ ମାସର ନାମ |
|---|---|
| | |
| | |
| | |
| | |
| | |
| | |
| | |
| | |
| | |
| | |







ତୁମର ଜନ୍ମ ମାସ ଓ ଜନ୍ମ ତାରିଖ ଘରଲୋକଙ୍କୁ ପଚାରି ବୁଝ ଓ ଲେଖ ।

ଜନ୍ମ ମାସ ______ ଜନ୍ମ ତାରିଖ ______

## ଓଡ଼ିଆ ମାସର କଥା–

ଆମେ ଇଂରାଜୀ ବାରମାସର ନାମ ଜାଣିଲେ। ସେହିପରି ଓଡ଼ିଆରେ ମଧ୍ୟ ମାସମାନଙ୍କର ନାମକରଣ କରାଯାଇଛି । ବର୍ଷକ ଛଅଋତୁ ଓ ବାରମାସର ନାମ ତଳେ ଦିଆଯାଇଛି । ସେଗୁଡିକୁ ଦେଖ ।



| ଗ୍ରୀଷ୍ମଋତୁ | |
|---|---|
| ବୈଶାଖ | ଜ୍ୟେଷ୍ଠ |



| ବର୍ଷାଋତୁ | |
|---|---|
| ଆଷାଢ଼ | ଶ୍ରାବଣ |




| ଶରତଋତୁ | |
|---|---|
| ଭାଦ୍ରବ | ଆଶ୍ୱିନ |



| ହେମନ୍ତଋତୁ | |
|---|---|
| କାର୍ତ୍ତିକ | ମାର୍ଗଶୀର |



| ଶୀତଋତୁ | |
|---|---|
| ପୌଷ | ମାଘ |



| ବସନ୍ତଋତୁ | |
|---|---|
| ଫାଲ୍‌ଗୁନ | ଚୈତ୍ର |

- ଓଡ଼ିଆ ବାରମାସର ନାମକୁ କ୍ରମରେ ଲେଖ ।

______ ______ ______ ______ ______ ______

______ ______ ______ ______ ______ ______

- ଛଅଟି ଋତୁ ମଧ୍ୟରୁ କେଉଁ ଋତୁଟି ତୁମକୁ ସବୁଠାରୁ ଅଧିକ ଭଲଲାଗେ ? __________

  କାହିଁକି ? ____________________

## ଅଧିକ - କମ୍ ଦିନର ଅବଧି

ଚାରୋଟି ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଗୋଟିଏ ସପ୍ତାହରେ ହୋଇଥିଲା । ଏହାର ଆରମ୍ଭଦିନ ଓ ଶେଷଦିନ ତଳ ସାରଣୀରେ ଦିଆଯାଇଛି । ତାହାକୁ ପଢ଼ି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

| ବିଦ୍ୟାଳୟର ନାମ | କେଉଁ ଦିନ ଆରମ୍ଭ ହେଲା | କେଉଁ ଦିନ ଶେଷ ହେଲା |
|---|---|---|
| ବନମାଳୀପୁର ଉ.ପ୍ରା | ସୋମବାର | ଗୁରୁବାର |
| ସୋମନାଥପୁର ଉ.ପ୍ରା | ମଙ୍ଗଳବାର | ବୁଧବାର |
| ଗୋବିନ୍ଦପୁର ନୋଡ଼ାଲ୍ | ଗୁରୁବାର | ଶନିବାର |
| କୁସୁପୁର ନୋଡ଼ାଲ | ସୋମବାର | ଶୁକ୍ରବାର |

**ଏବେ କୁହ ଓ ଲେଖ :**

- କେଉଁ ବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା ୨ ଦିନ ହୋଇଥିଲା ? ..................
- କେଉଁ ବିଦ୍ୟାଳୟରେ ସବୁଠାରୁ ଅଧିକ ଦିନ କ୍ରୀଡା ପ୍ରତିଯୋଗିତା ହୋଇଥିଲା ? ..................
- କେଉଁ ବିଦ୍ୟାଳୟରେ ସବୁଠାରୁ କମ୍ ଦିନ କ୍ରୀଡା ପ୍ରତିଯୋଗିତା ହୋଇଥିଲା ? ..................
- କେଉଁ ବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା ୩ ଦିନ ହୋଇଥିଲା ? ..................



## ଅଭ୍ୟାସ କାର୍ଯ୍ୟ

୧. ମାସର ନାମ ତଳେ ତା'ର କ୍ରମିକ ନମ୍ବର ଲେଖ ।

| ଜାନୁଆରୀ | ମାର୍ଚ୍ଚ | ଜୁନ୍ | ଅଗଷ୍ଟ | ଫେବୃଆରୀ | ଅକ୍ଟୋବର |
|---|---|---|---|---|---|
| | ୩ | | | | |

| ଅପ୍ରେଲ୍ | ମଇ | ଡିସେମ୍ବର | ନଭେମ୍ବର | ସେପ୍ଟେମ୍ବର | ଜୁଲାଇ |
|---|---|---|---|---|---|
| | | | | | |

୨. ମନିଷାର ଗୋଟିଏ ସପ୍ତାହର କାମ -

ସୋମବାର




ମଙ୍ଗଳବାର



ବୁଧବାର



ଗୁରୁବାର



ଶୁକ୍ରବାର



ଶନିବାର



ରବିବାର




ମନିଷା କେଉଁଦିନ କେଉଁ କାମ କରୁଛି ଲେଖ-

(କ) ସାଇକେଲ୍ ଚଲାଉଛି ________ (ଘ) ପାଠାଗାରକୁ ଯାଉଛି ________

(ଖ) ଖେଳୁଛି ________ (ଙ) ଗପବହି ପଢୁଛି ________

(ଚ) ପହଁରୁଛି ________ (ଚ) ଭୋଜିରେ ଖାଉଛି ________

୩. ନିମ୍ନଲିଖିତ ପର୍ବଗୁଡ଼ିକ କେଉଁ ମାସରେ ପଡ଼ିଥାଏ ଲେଖ ।

ବଡ଼ଦିନ ................ ସ୍ୱାଧୀନତା ଦିବସ ................

ରଜପର୍ବ ................ ସାଧାରଣତନ୍ତ୍ର ଦିବସ ................

ଶିଶୁଦିବସ ................ ଗୁରୁଦିବସ ................

ଗାନ୍ଧୀ ଜୟନ୍ତୀ................ ଉତ୍କଳ ଦିବସ ................

ପାଠ-୧୭

# ସାଜସଜ୍ଜା କରିବା



ସୁନୀତାର ଜନ୍ମ ଦିନ । ସାଙ୍ଗସାଥୀ ସମସ୍ତେ ମିଶି ଭୋଜି ଖାଇଲେ । ସମସ୍ତେ ଗପସପ ଓ ମଜା କରୁଥାନ୍ତି । ଘରକୁ ଫେରିଯିବାକୁ ମୁନା, ରୀନା ଅପାକୁ ମନେମନେ ଖୋଜୁଥାଏ । ଠିକ୍ ଏତିକିବେଳେ ରୀନା ଅପାର ଚେହେରା ଦେଖି
'ରୀନା ଅପା'କହି ପଛରୁ ଜାବୁଡ଼ି ଧରିଲା ।



ମୁନା କହିଲା, "ଅପା, ଚାଲ ଘରକୁ ଯିବା ।"

ନୀତା ବୁଲି ପଡ଼ି ମୁନାକୁ ଚାହିଁ କହିଲା, "କ'ଣ କିରେ ମୁନା । ମୁଁ ରୀନା ଅପା - ନୁହେଁ ।"

ନୀତାକୁ ଦେଖି ମୁନା ଭେଁ କରି କାନ୍ଦି ଉଠିଲା ।

ରୀନା ଅପା କାହିଁ ........ ?



ମୁନାର କାନ୍ଦ ଶୁଣି ରୀନା ଦୌଡ଼ି ଆସିଲା । ମୁନା ନୀତାକୁ ଛାଡ଼ି ରୀନାକୁ ଜାବୁଡ଼ି ଧରିଲା ।

ମୁନା କହିଲା – "ଦେଖ ଅପା, ତୋ ମୁଣ୍ଡ ବେଣି – ନୀତା ଦିଦି ମୁଣ୍ଡ ବେଣି, ତୋ ଫ୍ରକ – ନୀତା ଦିଦି ଫ୍ରକ ଏକା ଭଳି ।

ତୋ ଫ୍ରକ୍‌ରେ ମାଳି ଓହଳିଛି, ନୀତା ଦିଦି ଫ୍ରକ୍‌ରେ ବି ମାଳି ଓହଳିଛି ।

ତୋ ଫ୍ରକ୍‌ର ଧଡିରେ ଚାରିକଣିଆ ଚିତ୍ର ଅଛି,


ନୀତା ଦିଦି ଫ୍ରକ୍‌ରେ ସେମିତି ଚିତ୍ର ଅଛି ।

ତୋ ଫ୍ରକ୍‌ରେ ହଂସ ଚିତ୍ର ଅଛି, ନୀତା ଦିଦିର ତ ଅଛି ।

ତୋ ଫ୍ରକ୍‌ର ଅଣ୍ଟାରେ ଚୁମୁକି ଲାଗିଛି, ନୀତା ଦିଦିର ବି ଲାଗିଛି ।

ମୁଁ ନୀତା ଦିଦିକୁ ତୁ ଭାବି ପଛରୁ ଧରି ପକାଇଲି,

କିନ୍ତୁ ଦେଖିଲାବେଳକୁ ସେ ତୁ ନୁହେଁ ।"




ରୀନା କହିଲା – ସାବାସ୍, ତୁ ବଢ଼ିଆ ଦେଖି ପାରୁଛୁ-

- ଦେଖି କହିଲୁ, ମୋ ଫ୍ରକ୍‌ରେ ଥିବା କେଉଁ ଚିତ୍ରଗୁଡିକ ସାନୁ ସାର୍ଟରେ ଅଛି ?

  ............................................................


- ମୋ ଫ୍ରକ୍‌ର କେଉଁ ଚିତ୍ରଗୁଡିକ ଦୀପୁ ସାର୍ଟରେ ଥିବା ଚିତ୍ର ସହ ସମାନ ?

  ............................................................


- ମୋ ଫ୍ରକ୍‌ର କେଉଁ ଚିତ୍ରଗୁଡ଼ିକ ସାନିଆ ଫ୍ରକ୍‌ରେ ଥିବା ଚିତ୍ର ସହ ସମାନ ?

  ............................................................

- ସମାନ ଚିତ୍ରରେ ଏକ ପ୍ରକାର ରଙ୍ଗ ଦିଅ ।



●  ଏହି ଆକୃତିଟି ଯେଉଁ ଚିତ୍ରରେ ନାହିଁ ତା' ଉପରେ ' × ' ଚିହ୍ନ ଦିଅ ।



● ପତ୍ରସଜାଗୁଡ଼ିକୁ ଦେଖି ଆଗକୁ ଦୁଇଟି ଚିତ୍ର କର ।



__________ __________

__________ __________

__________ __________

● ତୁମେ ଇଚ୍ଛା ଅନୁସାରେ ପତ୍ର ନେଇ ନୂଆ ଢ଼ଙ୍ଗରେ ଚଟାଣରେ ସଜାଅ ।


ନିର୍ଦ୍ଦିଷ୍ଟ ଆକାର ଓ ଆକୃତିର ବସ୍ତୁ ଓ ଚିତ୍ରଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ କ୍ରମରେ ସଜାଇଲେ ଏକ ସଂରଚନା ହୁଏ ।



# ଅଭ୍ୟାସ କାର୍ଯ୍ୟ


୧. ଆଗକୁ ଚିତ୍ର କର ।

(କ) △ □ ○ △


(ଖ) 

(ଗ) ② ④ ⑥ ○ ○ ○

୨. ଝୋଟିକୁ ସଂପୂର୍ଣ୍ଣ କର -



୩. ଆଗକୁ ଚିତ୍ର କରିବା ପାଇଁ କାଳୁକୁ ସାହାଯ୍ୟ କର ।

(କ) 

(ଖ) 

## ଆଙ୍ଗୁଳି ଛାପରୁ ଚିତ୍ର

ସୁବୋଧ ବାପାଙ୍କ ଟେବୁଲ୍‌ରୁ କାଳି ପ୍ୟାଡ୍‌ଟା ଆଣି, ଆଙ୍ଗୁଠି ଛାପ ଦେଇ କ'ଣ କ'ଣ ଚିତ୍ର କରିଛି ଦେଖ -



- ଆଙ୍ଗୁଠି ଛାପ ଦେଇ,ନିଜ ମନରୁ ଯେତେ ପାରୁଛ ସେତେ ଚିତ୍ର କର ।

ଝଡ଼ିବର୍ଷା ପରେ ଶିଲି ବଗିଚା ଭିତରକୁ ଗଲା । ପତ୍ରଗୁଡ଼ିକ ଏଣେତେଣେ ମେଞ୍ଚା ମେଞ୍ଚା ହୋଇ ପଡ଼ିଛି । ବାଲି, ମାଟି, ପାଣି ତା ଉପରେ ଗଡ଼ି ଯାଇଛି । ଏକାଠି ପଡ଼ିଥିବା ୪/୫ଟି ପତ୍ର ଟେକି ଦେଖିଲା, ପତ୍ରଗୁଡ଼ିକର ଛାପ ପଡ଼ି ଯାଇଛି ।

ବାଃ......... କି ବଢ଼ିଆ ଚିତ୍ର ।

ତା' ମୁଣ୍ଡକୁ ଗୋଟିଏ ବୁଦ୍ଧି ଜୁଟିଲା - 'ପତ୍ରକୁ ରଂଗରେ ବୁଡ଼ାଇ ପତ୍ର ଛାପରେ ଚିତ୍ର କଲେ କେମିତି ହୁଅନ୍ତା ?

ସେ କ'ଣ କ'ଣ ଚିତ୍ର କଲା ଦେଖ -




**ଶିକ୍ଷକଙ୍କ ପାଇଁ ସୂଚନା -** ବିଭିନ୍ନ ପ୍ରକାର ପତ୍ର ସଂଗ୍ରହ କରି ତାକୁ ରଂଗରେ ବୁଡ଼ାଇ ଯତ୍ନର ସହିତ ଧଳା କାଗଜ ଉପରେ ଚାପି ପତ୍ରର ଛାପ ତିଆରି କରିବେ । ବାହାର ଧାରକୁ କଲମ ବା ଅନ୍ୟ ରଂଗ କଲମରେ ଗାର ଟାଣି ଧାର ତିଆରି କରିବେ ।

ତୁଳସୀ ଓ ନିମ୍ବ ପତ୍ର ନେଇ ସେମାନଙ୍କର ଛାପରେ ଚିତ୍ର ତିଆରି କର ।


- ଏବେ ସେ ବିଭିନ୍ନ ପ୍ରକାର ପରିବାକୁ କାଟି ରଂଗରେ ବୁଡ଼ାଇ କ'ଣ କଲା ଦେଖ –

(କ)



ଭେଣ୍ଡିକୁ କାଟି ରଂଗରେ ବୁଡ଼ାଇ ଛାପ ତିଆରି କର ।

(ଖ)



କଲରାକୁ କାଟି ରଂଗରେ ବୁଡ଼ାଇ ଛାପ ତିଆରି କର ।

# ବାକ୍ସରେ ଖାଲିଥିବା ସ୍ଥାନ ପୂରଣ କର ।


| | | | | | | | | |
|---|---|---|---|---|---|---|---|---|
| 3 | 1 | 2 | | 9 | 5 | | 7 | 6 |
| 5 | | 9 | 1 | | 7 | | 8 | 2 |
| 4 | | 7 | 2 | 6 | 3 | 5 | | |
| 9 | | | 7 | | | 2 | 4 | |
| | 2 | 8 | | 1 | | | 9 | 3 |
| | 3 | | 9 | 8 | 2 | | 5 | 7 |
| | 4 | 5 | 6 | | | | 3 | 1 |
| 1 | 7 | | 3 | 5 | 8 | 9 | | 4 |
| 8 | | 3 | 4 | 2 | | 7 | | 5 |

| | | | | | |
|---|---|---|---|---|---|
| 2 | | 1 | 6 | 3 | 4 |
| | 4 | 6 | 2 | 5 | |
| 1 | 2 | 5 | | 6 | |
| 4 | 6 | 3 | 5 | | 2 |
| | 1 | 4 | | 2 | 6 |
| 6 | 3 | 2 | 1 | | 5 |


| | | | | | |
|---|---|---|---|---|---|
| 1 | | 6 | 3 | 2 | 5 |
| 2 | 5 | | 1 | | 6 |
| 6 | | | 5 | 3 | |
| 5 | | 4 | 2 | 6 | |
| 3 | 6 | 1 | | | 2 |
| | | 5 | 6 | 1 | |

ପ୍ରଥମ ଚିତ୍ରକୁ ଦେଖି ଦ୍ୱିତୀୟ ଚିତ୍ରରେ ମିଳାଇ ଖାଲିଥିବା ସ୍ଥାନ ପୂରଣ କର ।

ଚିତ୍ର ସଂ - ୮




ଚିତ୍ର ସଂ - ୯



# ସମୂହ ଗୀତ

ତୁହି ମା ! ଜନମଭୂମି ପବିତ୍ର ଭାରତଭୂମି
ତୋହର ସନ୍ତାନ ଆମ୍ଭେ ଅଟୁ ସରବେ,
ତୋର ଶ୍ରୀଚରଣ ସେବା- ପାଇଁ ମନ ପ୍ରାଣ ଦେବା
ଗାଇବା ତୋହର ଗୀତ ଆନନ୍ଦ-ରବେ;
ତୋ ଆନନ୍ଦେ ହୋଇବା ସୁଖୀ
କାନ୍ଦିବା ଦୁଃଖରେ ତୋର ହୋଇଣ ଦୁଃଖୀ ।

ଧନ୍ୟ ମହିମା ତୋହର ନାହିଁ ତୋର ପଟାନ୍ତର
ମସ୍ତକରେ ହିମାଳୟ ପର୍ବତ ବର,
ଦୁଇ ପାରୁଶେ ଜଳଧି ବହ୍ମପୁତ୍ର ସିନ୍ଧୁ ନଦୀ
ଚରଣରେ ବିରାଜିତ ମହାସାଗର;
ବିନ୍ଧ୍ୟ ଗିରିବର କଟିରେ,
ଗଙ୍ଗା ଆଦି କେତେ ନଦୀ ଶୋଭେ ଶରୀରେ ।

ଜନମିଲେ ତୋ କୋଳରେ କେତେ ସୁର ବୀର ନରେ
ରାମଚନ୍ଦ୍ର ଭୀଷ୍ମ ଦ୍ରୋଣ କର୍ଣ୍ଣ ଅର୍ଜ୍ଜୁନ,
ମହାକବି ବେଦବ୍ୟାସ ବାଲମୀକ କାଳିଦାସ

ଗାଇଲେ ପବିତ୍ର କଣ୍ଠେ ତୋହର ଗୁଣ;
ଚୈତନ୍ୟାଦି ମହାତ୍ମା ଜନେ
ପ୍ରଚାରିଲେ ବିଭୁ ନାମ ଆନନ୍ଦ-ମନେ ।

କେତେ କେତେ ପୁଣ୍ୟବତୀ     କେତେ ପତିବ୍ରତା ସତୀ
କେତେ ବୀରନାରୀ କେତେ ବୀରଜନନୀ,
ସମସ୍ତେ ତୋର ଦୁହିତା     ପଦ୍ମିନୀ ସାବିତ୍ରୀ ସୀତା
ଦୁର୍ଗାବତୀ ଆଦି କେତେ ବୀର ରମଣୀ;
ନମଇ ମା ! ଭକତି ଭରେ
ଅଧମ ଅକ୍ଷମ ସୁତ ତୋ ଚରଣରେ ।

**ମଧୁସୂଦନ ରାଓ**